ମ୍ୟାଲେରିଆ,ଡେଙ୍ଗୁ,ଡାଇରିଆ ନିରାକରଣ ଅଭିଯାନ-୨୦୧୯ (୧୭ ଜୁନ୍ - ୧୬ ସେପ୍ଟେମ୍ବର )
DSPL - 67
NATIONAL HEALTH MISSION
DAMaN

ମ୍ୟାଲେରିଆ,ଡେଙ୍ଗୁ,ଡାଇରିଆ ପ୍ରତି ସତର୍କ ଓ ସଚେତନ ରୁହନ୍ତୁ ।

ଡାଇରିଆ (ତରଳଝାଡା)ର ପ୍ରତିରୋଧ:



- କେବଳ ଗଭୀର ନଳକୂଅ ପାଣି, ବିଶୋଧିତ କିମ୍ବା ଫୁଟାପାଣି ପିଅନ୍ତୁ ।
- ପିଇବା ପାଣି ରଖିବା ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ ।
- ଶୌଚ ପରେ, ଖାଦ୍ୟ ପରଷିବା, ଖାଇବା କିମ୍ବା ଖୁଆଇବା ପୂର୍ବରୁ ହାତକୁ ଭଲଭାବରେ ସାବୁନ୍‌ରେ ଧୁଅନ୍ତୁ ।
- ବାହାରେ ଝାଡା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ ।
- କୂଅ, ନଳକୂଅ କିମ୍ବା ପାନୀୟ ଜଳଉତ୍ସ ନିକଟରେ ରୋଗୀର ଲୁଗାପଟା ଧୁଅନ୍ତୁ ନାହିଁ ।
- ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ ଏବଂ ଖାଦ୍ୟକୁ ସର୍ବଦା ଘୋଡାଇ ରଖନ୍ତୁ । ବାସି, ପଚାସଢା କିମ୍ବା ମାଛି ବସିଥିବା ଖାଦ୍ୟ ଖାଆନ୍ତୁ ନାହିଁ ।
- ତରଳ ଝାଡା ହେଲେ ଜଳଶୁଷ୍କତା ନହେବା ପାଇଁ ଓ.ଆର୍.ଏସ୍. ଦ୍ରବଣ ସହିତ ଘରେ ମିଳୁଥିବା ଅନ୍ୟାନ୍ୟ ପାନୀୟ ଯଥେଷ୍ଟ ପରିମାଣରେ ପିଅନ୍ତୁ ।
- ଶିଶୁଙ୍କୁ ତରଳ ଝାଡା ହେଲେ ଓ.ଆର୍.ଏସ୍. ଦ୍ରବଣ ସହିତ ଜିଙ୍କ୍ ବଟିକା ୧୪ ଦିନ ପର୍ଯ୍ୟନ୍ତ ନିଶ୍ଚୟ ଦିଅନ୍ତୁ ।



ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ରୋଗର ଚିହ୍ନଟ ଓ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାଦେୟରେ ଉପଲବ୍ଧ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0037/1920

# ନୂଆ ସଦସ୍ୟ ସଂଗ୍ରହ ଅଭିଯାନ ଅବଧି ବଢ଼ିଲା

ବ୍ରହ୍ମପୁର ଅଫିସ,୧୪।୮

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ନୂଆ ସଦସ୍ୟ ସଂଗ୍ରହ ଅଭିଯାନ ସମୟ ସୀମା ଆସନ୍ତା ୨୦କୁ ବୃଦ୍ଧି ପାଇଛି। ଜୁଲାଇ ୬ରୁ ଆରମ୍ଭ ହୋଇଥିବା ଅଭିଯାନର ଚଳିତ ମାସ ୧୧ ତାରିଖ ଶେଷ ଦିବସ ଥିଲା। ବିଭିନ୍ନ ଜିଲାରେ ଘଟିଥିବା ପ୍ରାକୃତିକ ଦୁର୍ବିପାକ ଯୋଗୁ ଏହାକୁ ଆଉ ୯ ଦିନ ବଢ଼ାଇବା ପାଇଁ ରାଜ୍ୟ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୁଧବାର ଏହି ସୂଚନା ଦେଇଛନ୍ତି ଜିଲା ସଭାପତି କାହ୍ନୁ ଚରଣ ପତି। ସେ ଆହୁରି କହିଛନ୍ତି, ୨୦୧୬-୧୭ ବର୍ଷରେ ସଂଗ୍ରହ କରାଯାଇଥିବା ସମୁଦାୟ ନୂତନ ସଦସ୍ୟ ଆଉ ୨୦% ବୃଦ୍ଧି କରାଯିବାର ପାର୍ଟି ନିର୍ଦ୍ଦେଶ ରହିଛି।

ଏହି ସାଙ୍ଗଠନିକ ଜିଲାରେ ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର, ଚିକିଟି ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ୫ ସେଗ୍‌ମେଣ୍ଟରେ ୪୫ ମଣ୍ଡଳ ଅଛି। ମଣ୍ଡଳଗୁଡ଼ିକ ଦ୍ୱାରା ବର୍ତ୍ତମାନ ସୁଦ୍ଧା ୮ ହଜାରରୁ ଊର୍ଦ୍ଧ୍ୱ ନୂଆ ଭୋଟରଙ୍କୁ ସଦସ୍ୟ କରାଯାଇଛି।

## ଭାଜପା ଗଞ୍ଜାମ ସାଙ୍ଗଠନିକ ଜିଲା

ଚଳିତ ମାସ ୨୦ ତାରିଖ ସୁଦ୍ଧା ଅଧିକ ସଂଖ୍ୟକ ସଭ୍ୟ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରହିଛି। ଗତ ଅଭିଯାନ ପରିପ୍ରେକ୍ଷୀରେ ଏହି ସାଙ୍ଗଠନିକ ଜିଲାରେ ୪୦ ହଜାର ଯୁବତୀ, ଯୁବକଙ୍କୁ ନୂତନ ସଦସ୍ୟ କରାଯାଇଥିଲା।

ଜିଲା ସଭାପତିଙ୍କ କହିବାନୁସାରେ, ପୁରୁଣା ସଦସ୍ୟଙ୍କୁ କେବଳ ମେମ୍ବରଶିପ୍ ନିୟମ ପ୍ରକାର ନବୀକରଣ କରାଯିବ। ଅଭିଯାନ ଅବଧି ସରିବା ପରେ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ନିର୍ବାଚନ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲା ସଭାପତି ନିର୍ବାଚନ ବା ସର୍ବସମ୍ମତିକ୍ରମେ ଚୟନ କରାଯିବ। ପରେ ଜିଲା ସଂଗଠନର ଅନ୍ୟ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ଆନୁଷ୍ଠାନିକ ଭାବେ ଘୋଷଣା ହେବ। ସୂଚନାଯୋଗ୍ୟ, ଗଞ୍ଜାମରେ ଭାଜପାର ୨ ସାଙ୍ଗଠନିକ ଜିଲା ଅଛି। ଘୁମୁସର ସାଙ୍ଗଠନିକ ଜିଲାରେ ୮ ଏବଂ ଗଞ୍ଜାମ ସାଙ୍ଗଠନିକ ଜିଲାରେ ୫ ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି।





୭୩ତମ ସ୍ୱାଧୀନତା ଦିବସ ଅବସରରେ ଜଗନ୍ନାଥ ପ୍ରସାଦ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଇଂ. ଦିଲ୍ଲୀପ କୁମାର ବେହେରା**
ସହାୟକ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ
ଜଗନ୍ନାଥ ପ୍ରସାଦ

୭୩ତମ ସ୍ୱାଧୀନତା ଦିବସ ଅବସରରେ ବେଲଗୁଣ୍ଠା ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଇଂ. ଜୟଦେବ ମହାରଣା**
ସହକାରୀ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ,
ବେଲଗୁଣ୍ଠା, ଗଞ୍ଜାମ







୭୩ତମ ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଇଂ. ପ୍ରଦ୍ୟୁମ୍ନ କୁମାର ପଣ୍ଡା**
ସହାୟକ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ
ଭଞ୍ଜନଗର

୭୩ତମ ସ୍ୱାଧୀନତା ଦିବସ ଅବସରରେ ଗୋଲାପଡ଼ା ଗ୍ରାମପଞ୍ଚାତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଶ୍ରୀମତୀ ନମିତା ପ୍ରଧାନ**
ସରପଞ୍ଚ, ଗୋଲାପଡ଼ା ଗ୍ରାମପଞ୍ଚାୟତ
ଭଞ୍ଜନଗର ପଞ୍ଚାୟତ ସମିତି




୭୩ତମ ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଶ୍ରୀଯୁକ୍ତ ଅଜିତ କୁମାର ଶତପଥୀ**
ଚେୟାରମ୍ୟାନ,
ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ, ଭଞ୍ଜନଗର




୭୩ତମ ସ୍ୱାଧୀନତା ଦିବସ ଅବସରରେ ଜଗନ୍ନାଥ ପ୍ରସାଦ ବ୍ଲକ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଶ୍ରୀମତୀ ପଦ୍ମଜା ପାତ୍ର**
ଜିଲ୍ଲା ପରିଷଦ ସଭ୍ୟା, ଜୋନ୍ ନଂ-୨୨,
ଜଗନ୍ନାଥ ପ୍ରସାଦ ବ୍ଲକ

୭୩ତମ ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର ବ୍ଲକ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଇଂ. ନିହାର ରଞ୍ଜନ ସ୍ୱାଇଁ**
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ବିଭାଗ
ଭଞ୍ଜନଗର

୭୩ତମ ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଉନ୍ନୟନ ବିଭାଗ**
ପଞ୍ଚାୟତ ସମିତି, ଭଞ୍ଜନଗର




୭୩ତମ ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
**ଜଳସମ୍ପଦ ବିଭାଗ**
**ଭଞ୍ଜନଗର**

## ସଂକ୍ଷେପରେ

### ମୋ ସହର ସ୍ୱଚ୍ଛତା କାର୍ଯ୍ୟକ୍ରମ

ବୁଗୁଡ଼ା,୧୪।୮(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି ପ୍ରଶାସନ ଆନୁକୂଲ୍ୟରେ ବଣିକ ସଂଘ, ମିଡିଆ କ୍ଲବ, ଚାମ୍ବର ଅଫ କମର୍ସ ଓ ବିଜୁ ଯୁବ ବାହିନୀର ସହଯୋଗରେ ବୁଧବାର ସ୍ୱଚ୍ଛ ଭାରତ ଅନ୍ତର୍ଗତ ମୋ ସହର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବୁଗୁଡ଼ା ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କ ସମେତ ନୋଡାଲ ଅଧିକାରୀ କାଳୀ ଚରଣ ରଥ, ପୌର କର୍ମଚାରୀ ସଂଘର ସଭାପତି ପୀତବାସ ପ୍ରଧାନ, ଉପସଭାପତି ଜଗଦୀଶ ପଣ୍ଡା, ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧକ୍ଷ ରାମକୃଷ୍ଣ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ସହରରେ ସଫେଇ କାର୍ଯ୍ୟ କରିଥିଲେ । ଏଥିସହ ଏନଏସି ପ୍ରଶାସନ ଦ୍ୱାରା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଡ଼ାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା।

### ଖବର ପ୍ରକାଶ ପରେ ମନ୍ଦିର ରାସ୍ତା ସଫେଇ

ହିଞ୍ଜିଳିକାଟୁ,୧୪।୮(ଡ଼ି.ଏନ୍.ଏ.)- ହିଞ୍ଜିଳିକାଟୁ ଲକ୍ଷ୍ମୀ ବଜାର ଚନ୍ଦ୍ରକକ୍ଳେଶ୍ୱର ମନ୍ଦିର ସାମ୍ନାରେ କୁଢ଼କୁଢ଼ ଅର୍ବଜନା ପଡ଼ି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଏନେଇ ଧରିତ୍ରୀରେ ରବିବାର ଖବର ପ୍ରକାଶ ପରେ ସଫେଇ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିଜେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ମଙ୍ଗଳବାର ପୂର୍ବାହ୍ନରେ ଉପସ୍ଥିତ ରହି ମନ୍ଦିର ସାମ୍ନାରେଥିବା ଅର୍ବଜନାକୁ ସଫେଇର ତଦାରଖ କରିଥିଲେ। ମନ୍ଦିର ନିକଟକୁ ଲାଗି ରହିଥିବା ଡ୍ରେନ୍‌କୁ ମଧ୍ୟ ନିୟମିତ ସଫେଇ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଉକ୍ତ ଅଞ୍ଚଳର ଜନ ସାଧାରଣ ଓ ମନ୍ଦିର କମିଟି ସହ ପୌର କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳକୁ କିପରି ପରିଷ୍କାର କରାଯିବ ସେନେଇ ଆଲୋଚନା କରିଥିଲେ।

### ପିପୁଲସ୍ କଲେଜରେ ଖୁସି ଯୋଜନା କାର୍ଯ୍ୟକ୍ରମ

ବୁଗୁଡ଼ା,୧୪।୮(ଡି.ଏନ.ଏ.)-ବୁଗୁଡ଼ା ପିପୁଲସ୍ କଲେଜରେ ବୁଧବାର ଓଡ଼ିଶା ସରକାରଙ୍କ ଖୁସି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ଡ. ପ୍ରଦୀପ କୁମାର ଦାଶ, ସୁଦର୍ଶନ ସ୍ୱାଇଁ, ଅନୀତା ଦେବୀ, ରଶ୍ମିତା ପଟ୍ଟନାୟକ ପ୍ରମୁଖ ଅଧାପିକା ଅଧାପକ ଯୋଗଦେଇ କଲେଜର ଶତାଧିକ ଛାତ୍ରୀଙ୍କୁ ଖୁସି ଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ସାନିଟାରୀ ନ୍ୟାପକିନ୍ ବଣ୍ଟନ କରିଥିଲେ।

### ଓମ୍‌ଶାନ୍ତିର ରକ୍ଷାବନ୍ଧନ ଉତ୍ସବ

କବିସୂର୍ଯ୍ୟନଗର,୧୪।୮-କବିସୂର୍ଯ୍ୟ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଧାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ରକ୍ଷାବନ୍ଧନ ଅନୁଷ୍ଠିତ ହୋଇଥିଲା। କବିସୂର୍ଯ୍ୟନଗର ଉପସେବା କେନ୍ଦ୍ରର ସଞ୍ଚାଳିକା ସୁଜ୍ଞାନୀ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ମୁଖ୍ୟବକ୍ତା ଆସିକା ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ, ସମ୍ମାନିତ ଅତିଥି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଅତିଥି ଭାବେ ମନୋରଞ୍ଜନ ମହାପାତ୍ର, ଆଇନଜୀବୀ ଭଗବାନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥିଗଣଙ୍କୁ ରାଖୀ ପିନ୍ଧାଇବା ସହ ବିଭିନ୍ନ ଈଶ୍ୱରୀୟ ଉପହାର ପ୍ରଦାନ କରାଯାଇଥିଲା ।

### ଫେରାର ଅଭିଯୁକ୍ତ ଗିରଫ

ଆସିକା,୧୪।୮(ଡି.ଏନ୍.ଏ.) ଗାଙ୍ଗପୁର ଥାନା ଇଲାକାରେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥାଇ ଅଦାଲତରେ ହାଜର ହେଉନଥିବା ଅଭିଯୋଗରେ ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଥିଲା। ସେମାନେ ହେଲେ କୁଲାଙ୍ଗି ଗ୍ରାମର ରମେଶ ନାଇକ, ଲୁଣିପଡାଶାସନ ଗ୍ରାମର ମଣ୍ଟୁ ନାଇକ, କାମରାଜୁ ନାଇକ ଓ ଅଜୟ ଲେଙ୍କା ଏବଂ ଦିଗି ଗ୍ରାମର ଅଶୋକ କୁମାର ସ୍ୱାଇଁ। ଗିରଫ ଅଭିଯୁକ୍ତଙ୍କୁ ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଅଦାଲତରେ ହାଜର ହେଉ ନ ଥିବା ନେଇ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ୱାରେଣ୍ଟ ବଳରେ ପୋଲିସ ଗିରଫ କରିଥିଲା।

## ଗିରଫ ହେବେ ନିଶାସକ୍ତ ଗାଡ଼ି ଚାଳକ

# ବିନା ହେଲ୍‌ମେଟରେ ପେଟ୍ରୋଲ ମନା

### ସେପ୍ଟେମ୍ବର ୧ରୁ ଇ-ଚାଲାଣ

ଭଞ୍ଜନଗର,୧୪।୮(ଡି.ଏନ.ଏ)

ସେପ୍ଟେମ୍ବର ୧ରୁ ହେଲମେଟ୍ ବ୍ୟବହାର ଆଇନକୁ କଡ଼ାକଡ଼ି କରିବାକୁ ଯାଉଛି ଜିଲା ପ୍ରଶାସନ। ଏନେଇ ବୁଧବାର ଅପରାହ୍ନରେ ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଗୁରୁବାର ଠାରୁ ନିଶାସକ୍ତ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନୂଆ ନିୟମରେ ଏଣିକି ନିଶାସକ୍ତ ଗାଡ଼ି ଚାଳକ ଗିରଫ ହେବେ। ସେପ୍ଟେମ୍ବର ୧ରୁ ବିନା ହେଲମେଟରେ ବାଇକ୍ ଚାଳକଙ୍କୁ ପେଟ୍ରୋଲ ଦେବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଯଦି କୌଣସି ଗାଡ଼ି ଚାଳକ ବିନା ହେଲମେଟରେ ପେଟ୍ରୋଲ ଦେବାକୁ ବାଧ୍ୟ କରନ୍ତି ତେବେ ବାଇକ୍ ମାଲିକଙ୍କୁ ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଇ-ଚାଲାଣ ପଠାଯିବ। ପେଟ୍ରୋଲ ଟାଙ୍କିରେ ଲାଗିଥିବା



ବୈଠକରେ ଉପସ୍ଥିତ ଅଧିକାରୀ।

କ୍ୟାମେରାକୁ ଆଧାର କରି ବିତରକ ଦୌନନ୍ଦିନ ସନ୍ଧ୍ୟାରେ ଆରଟିଓଙ୍କ ପାଖକୁ ବିନା ହେଲମେଟରେ ପେଟ୍ରୋଲ ପକାଉଥିବା ଗାଡ଼ି ନମ୍ବର ପଠାଇବେ। ଏହାପରେ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ଗାଡ଼ି ମାଲିକଙ୍କ ନାମରେ ଇ-ଚାଲାଣ କଟାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବିଭିନ୍ନ ପ୍ରମୁଖ ରାସ୍ତା ଗୁଡ଼ିକରେ ଲୋକେ ମନଇଛା ହମ୍ପସ ନିର୍ମାଣ କରୁଛନ୍ତି। କେତକ ସ୍ଥାନରେ ବିଭିନ୍ନ ବିଭାଗ ପକ୍ଷରୁ ଠିକ୍ ଭାବେ ହମ୍ପ ନିର୍ମାଣ କରାଯାଉନାହିଁ। ଯେଉଁଥିପାଇଁ ଦୁର୍ଘଟଣା ଘଟୁଛି। ଉକ୍ତ ହମ୍ପ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ବୈଠକରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଆରଟିଓ ଏସ୍.ରୟ, ଭଞ୍ଜନଗର ଥାନା ଅଧିକାରୀ ସୁଦିପ୍ତ କୁମାର ସାହୁ, ତାରସିଂ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ପେଟ୍ରୋଲ ଟାଙ୍କି ବିତରକ ସୁନିଲ କୁମାର ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ, ଏସ୍.ସୁମନ ରାଓ, ଭଞ୍ଜନଗର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀ କାନ୍ତ ମହାନ୍ତି, ଭଞ୍ଜନଗର ଜାତୀୟ ରାଜପଥ ସହକାରୀ ନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ସେଠୀ, ସନ୍ତୋଷ ପୋଲାଇ, ନାଗେଶ୍ୱର ପାଣିଗ୍ରାହୀ, ଭଞ୍ଜନଗର ବସ୍ ଆସୋସିଏଶନ ନେତା ବିପ୍ର ଚରଣ ବାରିକ, ସୁବାସ ଚନ୍ଦ୍ର ଦିହୁଡ଼ି, ଭଞ୍ଜନଗର ଏବିଇଓ ହୃଷିକେଶ ସ୍ୱାଇଁ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଗୋପାଳପୁର ଏନ୍‌ଏସି ୪ ୱାର୍ଡରେ ଜବରଦଖଲ ଉଚ୍ଛେଦ



ଗୋପାଳପୁର,୧୪।୮

ଗୋପାଳପୁର ଏନଏସି ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ଧରି ରାସ୍ତା ଜବରଦଖଲ ଓ ଡ୍ରେନ ଉପରେ ବାସଗୃହ ନିର୍ମାଣ କରି ଲୋକେ ଜବରଦଖଲ କରି ରଖିଥିଲେ।ଯାହାଦ୍ୱାରା ରାସ୍ତା ସଙ୍କୁଚିତ ହେବା ସହ ଯାତାୟାତରେ ଅସୁବିଧା ହେଉଥିଲା। ଏଥିସହ ଡ୍ରେନରେ ଜଳ ନିଷ୍କାସିତ ହେବାରେ ବାଧା ଉପୁଜୁଥିଲା। ଏନେଇ ପୂର୍ବାହ୍ନରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କ ନେତୃତ୍ୱରେ କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ୭, ୯, ୧୦ ଓ ୧୧ ୱାର୍ଡରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଅନ୍ୟ ୱାର୍ଡଗୁଡ଼ିକରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

## ମୋ ଗୋପାଳପୁର କାର୍ଯ୍ୟକ୍ରମ

# ସ୍ୱଚ୍ଛତା ନେଇ ସଚେତନ, ୱାର୍ଡ ପରିକ୍ରମା



ସ୍ୱଚ୍ଛତା ନେଇ ସଚେତନ କରୁଛନ୍ତି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ।

ଗୋପାଳପୁର,୧୪।୮

ଗଞ୍ଜାମ ଜିଲା ପ୍ରଶାସନ ଓ ଗୋପାଳପୁର ଏନ୍‌ଏସି ପକ୍ଷରୁ ମୋ ଗୋପାଳପୁର କାର୍ଯ୍ୟକ୍ରମ ବୁଧବାର ଷଷ୍ଠ ଦିବସରେ ପହଞ୍ଚିଛି। ଉକ୍ତ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହେବାକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ଜିଲା ପ୍ରଶାସନ ପକ୍ଷରୁ ଏହାକୁ ଏକ ସପ୍ତାହ ଘୁଞ୍ଚାଇ ଦିଆଯାଇଛି। ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ଓ ବେଳାଭୂମିକୁ ସ୍ୱଚ୍ଛ ସୁନ୍ଦର କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବାହ୍ନରେ ନଗର ଉନ୍ନୟନ ବିଭାଗ ପ୍ରତିନିଧି ଦଳ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ବିଶେଷଜ୍ଞ ଦଳ, ସ୍ଥାନୀୟ ଲୋକ ମିଳିତଭାବେ ବେଳାଭୂମି ସଫେଇ କରିଥିଲେ। ଏଥିସହ ଏନ୍‌ଏସିର ବିଭିନ୍ନ ୱାର୍ଡ ପରିକ୍ରମା କରି ଖୋଲାରେ ମଳତ୍ୟାଗ ନ କରିବା, ପଲିଥିନ ବ୍ୟବହାର ନ କରିବା ଓ ଡ଼ଷ୍ଟବିନ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରଞ୍ଜନ କୁମାର ସାହୁ, ଜମେଶ୍ୱର ମଲିକ, ସରିତା ପଟ୍ଟନାୟକ, ଅନାମିକା ପଟ୍ଟନାୟକ, ମୁନା ସେଠୀ, ପ୍ରଶାନ୍ତ କୁମାର ତ୍ରିବେଦୀ, ହିସି ହାଁସଦାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ମଦ ଜବତ, ୮ ଗିରଫ

ଆସିକା,୧୪।୮(ଡି.ଏନ୍.ଏ.)

ଆସିକା ଥାନା ଇଲାକାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଚଢାଉ କରି ବିଭିନ୍ନ ସ୍ଥାନରୁ ପ୍ରାୟ ୬୦ ଲିଟର ଦେଶୀ ଓ ୪୦ ଲିଟର ବିଦେଶୀ ମଦ ଜବତ କରିଛି। ଏହି ମାମଲାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ନଳବଣ୍ଟା ଗ୍ରାମର ଶମ୍ଭୁ ପ୍ରଧାନ, ବୁଲୁ ସ୍ୱାଇଁ, କାଳଷଣ୍ଢପୁର ଗ୍ରାମର ମନୋଜ ଜେନା, ପିଣ୍ଟୁ ଗୌଡ, ଗୋଲାପଲ୍ଲୀ ଗ୍ରାମର ଏ. ରାବଣା, ପଢାଳ ଗ୍ରାମର ମନୋଜ ନାହାକ ଓ ଆସିକା ପାକଲାପଲ୍ଲୀର ଗୟା ପରିଡା। ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆସିକା ଥାନାରେ ନଂ.୨୬୨, ୨୬୩, ୨୬୪, ୨୬୫, ୨୬୬, ୨୬୭ ଓ ୨୬୮/୧୯ରେ ମାମଲା ରୁଜୁ କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ଗାଙ୍ଗପୁର ଥାନା ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମରୁ ପୋଲିସ ମଙ୍ଗଳବାର ରାତିରେ ୧୦ ଲିଟର ରନ୍ଧା ମଦ ଜବତ କରିବା ସହ ସୀମାଞ୍ଚଳ ସାହୁଙ୍କୁ ଗିରଫ କରିଛି। ନଂ.୧୨୬/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ସାପ କାମୁଡ଼ାରେ ୨ ମୃତ

ବୁଗୁଡ଼ା,୧୪।୮(ଡି.ଏନ.ଏ.)

ବୁଗୁଡା ଅଞ୍ଚଳରେ ବୁଧବାର ସାପ କାମୁଡାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋଲାସାହିର ଏ. ଶିବ ପାତ୍ର (୩୮) ଓ କାନସୁକା ଗ୍ରାମର ସୁଜାତା ପ୍ରଧାନ (୪୨)।

ଶିବ ଛେଳି ଚରାଇବାକୁ ଯାଇଥିବାବେଳେ ସାପ କାମୁଡିଥିଲା। ପାଖରେ ଥିବା ଲୋକେ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି ଅନୁଧାନ କରିଥିଲେ। ସ୍ତ୍ରୀ ଏ. ଲିଲି ପାତ୍ରଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ଥାନାରେ ନଂ.୧୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ସେହିପରି ସୁଜାତା ସ୍ୱାମୀଙ୍କ ସହ ଧାନ ରୋଇବାକୁ ଯାଇଥିବାବେଳେ ସାପ କାମୁଡିଥିଲା। ତାଙ୍କୁ ଚିକିତ୍ସା ପାଇଁ ପଙ୍କଲବାଡ଼ିର ଏକ ବୈଦ୍ୟ ନିକଟକୁ ନେଇଥିଲେ। ଭଲ ନ ହେବାରୁ ଅପରାହ୍ନ ୪ଟାରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ସୁଜାତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୁଗୁଡ଼ା ଥାନାରେ ନଂ. ୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କେଏସ୍‌ୟୁବି କଲେଜରେ ଖୁସି କାର୍ଯ୍ୟକ୍ରମ



ଡ଼.ନିବେଦିତା ମହାପାତ୍ର ଛାତ୍ରୀମାନଙ୍କୁ ନାପକିନ୍ ବଣ୍ଟନ କରୁଛନ୍ତି।

ଭଞ୍ଜନଗର,୧୪।୮(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ବୁଧବାର ଖୁସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କୁ ଖୁସି ଯୋଜନା ମାଧ୍ୟମରେ ନାପକିନ୍ ବଣ୍ଟନ କରାଯାଇଥିଲା। ଭଞ୍ଜନଗର ଉପଖଣ୍ଡ ହସ୍‌ପିଟାଲର ସ୍ତ୍ରୀରୋଗ ବିଶେଷଜ୍ଞ ଡ. ନିବେଦିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ନାପ୍‌କିନ୍ ବ୍ୟବହାର ଦ୍ୱାରା ଛାତ୍ରୀମାନେ କେତେ ସୁରକ୍ଷିତ ରହିପାରିବେ ସେ ଉପରେ କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ଛାତ୍ରୀମାନଙ୍କୁ ମାଗଣାରେ ଯୋଗାଇ ଦିଆଯାଉଛି। ଏହାର ସୁବିଧା ନେବାପାଇଁ ଅତିଥିମାନେ ଉପସ୍ଥିତ ଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଅଧକ୍ଷ ଡ଼. ନୀଳାଞ୍ଚଳ ମୁନି ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ଡ଼.ରବୀନ୍ଦ୍ର ନାଥ ପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ମରଣିକା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ତୃପ୍ତିମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ଡ଼.ବିନୋଦ ଚନ୍ଦ୍ର ଦାସ, ଏସ୍.କେ.ମିଶ୍ର, ଅଧ୍ୟାପିକା ଜୟଲକ୍ଷ୍ମି ରଥ,ସସ୍ମିତା ଦାସ, ମନ୍ଦାକିନି ପଣ୍ଡା, ପ୍ରତିଧ୍ୱନି ସ୍ୱାଇଁ, ଶୁଭଶ୍ରୀ ନାୟକ, ଦୀପନିତା କର,ଅନିତା ମହାପାତ୍ର, କୈଳାସ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଆକ୍ରମଣ କରି ଯୁବକ ଗିରଫ

ବୁଗୁଡ଼ା,୧୪।୮(ଡି.ଏନ.ଏ.)

ବୁଗୁଡ଼ା ଥାନା ଗୋଲିଆ ଗ୍ରାମରେ ଜଣେ ଯୁବକଙ୍କୁ ଲୁହାରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ବୁଧବାର ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋଲିଆ ଗ୍ରାମର ଭଗବାନ ବାଡ଼ତ୍ୟା। ଏନେଇ ବୁଗୁଡ଼ା ଥାନାରେ ନଂ.୧୬୦/୧୯ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗୋଲିଆ ଗ୍ରାମର ଜିତେନ୍ଦ୍ର ଜେନାଙ୍କ ପାୱାର ଟିଲରଟିକୁ ସେହି ଗ୍ରାମର ଭଗବାନ ଚଳାଉଥିଲେ। ଏଥିପାଇଁ ଭଗବାନଙ୍କୁ ୪୪୦୦ ଟଙ୍କା ମଜୁରି ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପୂର୍ବରୁ ଜିତେନ୍ଦ୍ର ୨୮୦୦ ଟଙ୍କା ଭଗବାନଙ୍କୁ ଦେଇଥିଲେ। ବାକି ୧୬୦୦ ଟଙ୍କା ମାଗିବାକୁ ମଙ୍ଗଳବାର ରାତିରେ ଭଗବାନ ଯାଇଥିଲେ। ମାତ୍ର ଜିତେନ୍ଦ୍ର ୬୦୦ ଟଙ୍କା ଦେଇ ଆଉ ୧ ହଜାର ଟଙ୍କା କୌଣସି କାରଣରୁ ଦେବାକୁ ମନା କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଭଗବାନ ଏକ ଲୁହାରଡରେ ଜିତେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ବାଇକ୍ ଲୁଟ୍ ମାମଲାରେ ୪ ଗିରଫ

ଆସିକା,୧୪।୮(ଡି.ଏନ୍.ଏ.)

ଆସିକା - ଭଞ୍ଜନଗର ମୁଖ୍ୟ ରାସ୍ତା ବାଲିସିରା ଛକ ନିକଟରୁ ଗତ ରବିବାର ପୂର୍ବାହ୍ନରେ ଜଣେ ବାଇକ୍ ଆରୋହୀଙ୍କୁ ମାଡ ମାରି ଦୁର୍ବୃତ୍ତ ବାଇକ୍ ଛଡାଇ ନେଇଥିଲେ। ଆସିକା ପୋଲିସ ମଙ୍ଗଳବାର ଏହି ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁପଦର ଗ୍ରାମର ଶଙ୍କର ପୃଷ୍ଟି, ବାପି ସ୍ୱାଇଁ, ନାହାଡା ଗ୍ରାମର ସୋନୁ ସ୍ୱାଇଁ ଓ ବାଲିସିରା ଗ୍ରାମର ଭଞ୍ଜ ନାୟକ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଲୁଟ ବାଇକ୍ ଉଦ୍ଧାର କରିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କବିସୂର୍ଯ୍ୟନଗର ଥାନା ଝିଟିକାବାଡି ଗ୍ରାମର ନିରାକାର ମହାପାତ୍ର ବାଇକ୍ ଯୋଗେ ବାଲିସିରା ନିକଟସ୍ଥ କମାଗଡ ଗ୍ରାମକୁ ଯାଉଥିଲେ। ବାଲିସିରା ଛକ ନିକଟରେ ଅଭିଯୁକ୍ତମାନେ ନିରାକାରଙ୍କୁ ଅଟକାଇ ମାଡମାରି ବାଇକ୍ ଛଡାଇ ନେଇଥିଲେ। ନିରାକାରଙ୍କ ଅଭିଯୋଗ ପ୍ରକାରେ ଆସିକା ଥାନାରେ ନଂ.୨୫୮/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା।

## ବୁଗୁଡ଼ା ବ୍ଲକର ୪ ସ୍କାଉଟ ମାଷ୍ଟର ସମ୍ବର୍ଦ୍ଧିତ



ଅତିଥିଙ୍କ ଦ୍ୱାରା ସ୍କାଉଟ ମାଷ୍ଟରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବୁଗୁଡ଼ା,୧୪।୮(ଡି.ଏନ.ଏ.)

ବୁଗୁଡ଼ା ବ୍ଲକର ୪ ଜଣ ସ୍କାଉଟ ମାଷ୍ଟର ବୁଧବାର କନିଷି ବାଲାଜୀ ବିଦ୍ୟାପୀଠରେ ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ ଆନୁକୂଲ୍ୟରେ ଅନୁଷ୍ଠିତ ୭ ଦିନିଆ ତାଲିମ ଶିବିରର ଉଦ୍‌ଯାପନ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସମ୍ବର୍ଦ୍ଧିତ ସ୍କାଉଟ ମାଷ୍ଟରମାନେ ହେଲେ ସ୍ଥାନୀୟ ନିୟୁଏରା ପବ୍ଲିକ ସ୍କୁଲର ବୈଷ୍ଣବ ଚରଣ ଦାଶ, ବୁଦ୍ଧଗିରି ବିଦ୍ୟାପୀଠର ଗଙ୍ଗାଧର ଦାଶ, ପିପୁଲସ୍ ହାଇସ୍କୁଲର ବିଶେଶ୍ୱର ଗିରି ଓ ବି.କରଡ଼ାବାଡ଼ି ହାଇସ୍କୁଲର ସିଦ୍ଧାନ୍ତ କୁମାର ରଥ। ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ପ୍ରଶିକ୍ଷଣ କମିଶନର ସୁରଜିତ ସେନ, ଜିଲା ସ୍କାଉଟ ସମ୍ପାଦକ ଭାଗୀରଥି ସ୍ୱାଇଁ, ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ ମହାପାତ୍ର, ବାଲାଜୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବାବୁନୀ ପାଢ଼ୀ ଉପସ୍ଥିତ ଥିଲେ। ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସ୍କାଉଟ ମାଷ୍ଟରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଡିଓଙ୍କ ହସ୍ତକ୍ଷେପ ପରେ ଅଙ୍ଗନୱାଡି କେନ୍ଦ୍ର ଖୋଲିଲା

ହାଟିଓଟ,୧୪।୮

ପ୍ରାୟ ୨ ବର୍ଷ ହେବ ପୋଲସରା ବ୍ଲକ ମଥୁରା କେଳା ସାହି ଛକରେ ସରକାରୀ ଯୋଜନା ଅନୁଯାୟୀ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ୫ନଂ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପରଠାରୁ ବନ୍ଦ ରହିଥିଲା । ତେଣୁ ଉକ୍ତ କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ସବିତା ଦାସ ୨୫ ଜଣ ପିଲାମାନଙ୍କୁ ସାହିରେ ଏକ ଭଡା ଘର ନେଇ ଚଳାଇବାକୁ ବାଧ ହେଉଥିଲେ। ଏ ନେଇ ମଥୁରାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏଥିପାଇଁ ସରପଞ୍ଚ ପ୍ରଦୀପ କୁମାର ନାୟକ ବିଡିଓଙ୍କ ନିକଟରେ ଦୃଷ୍ଟି ଅକର୍ଷଣ କରିଥିଲେ । ବିଡିଓ ୫ ତାରିଖରେ ଉକ୍ତ କେନ୍ଦ୍ରକୁ ନିର୍ମାଣ କରିଥିବା ଠିକାଦାରଙ୍କ ସହ ଅଲୋଚନା କରି ତାଙ୍କଠାରୁ ଚାବି ନେଇଥିଲେ। ସରପଞ୍ଚ ପ୍ରଦୀପ କୁମାର ନାୟକଙ୍କ ଉପସ୍ଥିତିରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଇଥିଲା।

# ରୋଗୀ କଲ୍ୟାଣ ସମିତି ବୈଠକ

କନିଷି,୧୪।୮(ଡି.ଏନ.ଏ.)



ଉପସ୍ଥିତ ଅତିଥିବୃନ୍ଦ।

ରଙ୍ଗେଇଲୁଣ୍ଡା ବ୍ଲକ ସୁନାଦେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ବହୁ ବର୍ଷ ହେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବର୍ତ୍ତମାନ ରଣ୍ଟୋ ଛକଠାରୁ ସେହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀମାନେ ଯିବା ପାଇଁ କୌଣସି ଗମନାଗମନର ସୁବିଧା ନାହିଁ। କର୍ମଚାରୀ, ଔଷଧ, ବିଭିନ୍ନ ସାମଗ୍ରୀ ବାବଦରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଏଥିରୁ ରୋଗୀମାନଙ୍କୁ କିଛି ସୁଫଳ ମିଳୁନାହିଁ। ସେଥିପାଇଁ ସରକାର, ଜିଲା ପ୍ରଶାସନ ଦାୟୀ ବୋଲି ମିଶ୍ର କହିଥିଲେ। ସେଠାକୁ ଆସୁଥିବା ରୋଗୀମାନଙ୍କ ପାଇଁ ବିଶ୍ରାମାଗାର ନାହିଁ କିମ୍ବା ପାନୀୟ ଜଳ ବ୍ୟବସ୍ଥା ନଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏଥିରେ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ମନୋଜ ପଣ୍ଡା, ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ସୁନାଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଏମ. ଶ୍ରଦ୍ଧାଞ୍ଜଳୀ, ଆୟୁଷ ଡା. ମଧୁସ୍ମିତା ସାହୁ, ଅଙ୍ଗନୱାଡ଼ି ସୁପରଭାଇଜର ଭାଗ୍ୟଲତା ପାତ୍ର, ଫାର୍ମାସିଷ୍ଟ ନରସିଂହ ଡାକୁଆ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଧୋଇଗଲା ପୋଲର ଦୁଇ ପାର୍ଶ୍ୱ



**କୋଟଗଡ,୧୪।୮(ଡି.ଏନ.ଏ.):** କୋଟଗଡ ବ୍ଲକର ପକାରିଓ ରାଣିପଙ୍ଗା ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନୂତନ ଭାବେ ରାଣିପଙ୍ଗା-ସୀତାଗୁଡ଼ା ପୋଲ ନିର୍ମାଣ ହୋଇଥିଲା। ଗତ ଲଗାଣ ବର୍ଷା ଯୋଗୁ ପୋଲର ଦୁଇ ପାର୍ଶ୍ୱ ଧୋଇ ହୋଇଯାଇଛି। ଫଳରେ ଦୁଇ ପଞ୍ଚାୟତକୁ ଯାତାୟାତ ଠପ୍ ହୋଇଯାଇଛି। ଚାଷଜମିଗୁଡିକ ଜଳମଗ୍ନ ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ସ୍ଥାନୀୟ ବ୍ଲକ ବିଭିନ୍ନ ଗ୍ରାମପଞ୍ଚାୟତର ରାସ୍ତାଘାଟ ଧୋଇ ହୋଇ ଦବିଯାଇଛି। ତେଣୁ ଲୋକେ ଦୈନନ୍ଦିନ କାମ ପାଇଁ ଓ ଡାକ୍ତରଖାନାକୁ ଯିବା ଆସିବା ସମ୍ଭବ ହୋଇପାରୁ ନାହିଁ। ଗ୍ରାମର କେତେକଙ୍କ ଘରେ ପାଣି ପସି ଘର ଭାଙ୍ଗିଯାଇଛି। ପ୍ରବଳ ବର୍ଷା ଯୋଗୁ ଲୋକେ ଘରୁ ବାହାରି ପାରୁନାହାନ୍ତି। କଚାଘରେ ବସବାସ କରୁଥିବା ଲୋକ ରାତି ଅନିଦ୍ରା ରହିବା ସହ ଭୋକ ଉପାସରେ ରହୁଥିବା ରାଣିପଙ୍ଗା ସରପଞ୍ଚ ଜହନ ପ୍ରଧାନ କହିଛନ୍ତି।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଜି.ଉଦୟଗିରି,୧୪।୮(ଡି.ଏନ.ଏ.):** ଜି.ଉଦୟଗିରି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ବୁଧବାର ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ରାଜୀବ ମଲିକ (୨୫)। ଗତ ଜୁଲାଇ ୧୦ ତାରିଖରେ ରାଜୀବ ସମ୍ପୃକ୍ତ ଯୁବତୀଙ୍କୁ କଥା ହେବା ବାହାନାରେ ଘରୁ ଜଙ୍ଗଲକୁ ଡାକି ନେଇ ସେଠାରେ ବଳାତ୍କାର କରିଥିଲେ। ଯୁବତୀଙ୍କ ପରିବାର ଲୋକେ ଏ ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏ ନେଇ ଅଗଷ୍ଟ ୧ ତାରିଖରେ ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କିନ୍ତୁ ସଭାରେ କୌଣସି ସମାଧାନ ନ ହେବାରୁ ଯୁବତୀ ଜଣଙ୍କ ଗତ ୯ରେ ଥାନାରେ ଏତଲା ଦେଇଥିଲେ। ପୀଡିତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୯୫/୧୯ରେ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜି.ଉଦୟଗିରି ଏସ୍ଆଇ ରଞ୍ଜିତ କୁମାର ମୁନି କହିଛନ୍ତି।

ଶବ୍ଦ ପ୍ରଦୂଷଣ, ବେପରୁଆ ଗାଡ଼ି ଚାଳନା

### ୭ ଅଟୋ ଅଟକ, ଜରିମାନା ଆଦାୟ

**ଦାରିଙ୍ଗବାଡ଼ି,୧୪।୮(ଡି.ଏନ.ଏ):** ଦାରିଙ୍ଗବାଡ଼ିରେ ବ୍ଲକ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶବ୍ଦ ପ୍ରଦୂଷଣ କରୁଥିବା ଓ ଦ୍ରୁତ ଗତିରେ ଆସୁଥିବା ୭ ଅଟୋକୁ ଚାରିଛକରୁ ଥାନାକୁ ଆଣିଛି। ଅଟୋ ଚାଳକଙ୍କ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ଯାଞ୍ଚ କରାଯାଇଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ସବଇନ୍ସପେକ୍ଟର ସୌମ୍ୟରଞ୍ଜନ ଜେନା, ଅନିଲ କୁମାର ଦେବତା, ଆର.ଭିମରାଓ ରେଡ୍ଡି ପ୍ରମୁଖ ସଦଳବଳ ପାଟ୍ରୋଲିଂ କରୁଥିଲେ। ବେପରୁଆ ଭାବେ ଗାଡି ଚଳାଉଥିବା କେତେଜଣ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ ଜରିମାନା ଆଦାୟ କରାଯାଇଛି।

ପୋଲ ନିର୍ମାଣ ହେଉନି

# ନାଳ ପାର ହୋଇ ସ୍କୁଲ ଯାଉଛନ୍ତି ପିଲା

**ହୁରଞ୍ଜନ ସେଠୀ**
**ଫିରିଙ୍ଗିଆ, ୧୪।୮**

ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଟେଲାପାଲି ଗ୍ରାମ ଗାଟେଣୀ ନାଳ ଉପରେ ପୋଲ ନିର୍ମାଣ ହେଉନି। ଫଳରେ ଟେଲାପାଲି, ଶିକୁଲିପଦର, ସିମିଝରି ଗ୍ରାମର ଲୋକେ ହଇରାଣ ହେଉଛନ୍ତି। ଟେଲାପାଲି ବଜାରକୁ ଆସି ଫିରିଙ୍ଗିଆ କିମ୍ବା ଫୁଲବାଣୀ ଯିବାକୁ ହେଲେ ନାଳ ପାର ହେବାକୁ ପଡୁଛି। ଅଧିକ ସମସ୍ୟା ଭୋଗୁଛନ୍ତି ସ୍କୁଲ ପିଲାମାନେ। ଏହି ଗ୍ରାମର ପିଲାମାନେ ଟେଲାପାଲି ସେବାଶ୍ରମକୁ ପ୍ରତିଦିନ ନଦୀ ପାର ହୋଇ ଆସୁଛନ୍ତି। ପୋଲ ନିର୍ମାଣ ନେଇ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଡିଣ୍ଡିରାଗାଁ ପଞ୍ଚାୟତର ଶିକୁଲିପଦର ଗ୍ରାମବାସୀ ବର୍ଷାଦିନ ଆସିଲେ ଛାନିଆଁ ହୋଇପଡ଼ନ୍ତି। ଗ୍ରାମରେ ୧୫୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ଚାଉଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ପାହାଡ ରାସ୍ତାରେ ୬କିମି ଚାଲି ଚାଲି ଯିବାକୁ ପଡିଥାଏ। ବିଲ ହିଡ ପାଦ ଚଲା ରାସ୍ତାକୁ ଯେଉଁ ନାଳ ସଂଯୋଗ କରୁଛି ସେଥିର ଥିବା ଶଂଖ(ପୋଲ) ଭାଙ୍ଗି ଯାଇଛି। ଆଜିପର୍ଯ୍ୟନ୍ତ ନୂଆ ଶଙ୍ଖ ନିର୍ମାଣ ହେଉନାହିଁ। ଏବେ ନାଳରେ ଅଧିକ ପାଣି। ପିଲାମାନେ ବାଧ୍ୟ ହୋଇ ନାଳ ଭିତରେ ପଶି ଟେଲାପାଲି ସ୍କୁଲକୁ ଯାଉଛନ୍ତି। ସେହିପରି ଗ୍ରାମର ଲୋକେ ନାଳ ପାର ହୋଇ ଫିରିଙ୍ଗିଆ କିମ୍ବା ଫୁଲବାଣୀକୁ ଯାତାୟାତ କରୁଛନ୍ତି। ଏହି ଶଂଖ ପାଖରୁ ହିଁ ସବୁଦିନିଆ ରାସ୍ତା ଅନ୍ୟ ଆଡକୁ ଲମ୍ବିଛି। ଗର୍ଭବତୀଙ୍କୁ ମେଡିକାଲ ଆଣିବାକୁ ହେଲେ ପ୍ରଥମେ ଭାରରେ ହିଡ ରାସ୍ତା ଦେଇ ନଦୀ ପାର ହେବାକୁ ପଡୁଛି। ପ୍ରାୟ ୧୫ ବର୍ଷତଳେ ପୋଲ ଭାଙ୍ଗି ଯାଇଥିଲା। ଆମେ ନାଳରେ ପଶି ଯିବାକୁ ବାଧ୍ୟ ହେଉଛୁ। ବର୍ଷାଦିନେ ପାହାଡ ଡେଇଁ ସରୁକୋଇ ଦେଇ ପଞ୍ଚାୟତ କାର୍ଯ୍ୟାଳୟ ସମେତ ବଜାରକୁ ଯାଇଥାଉ। ଏହି ସମୟରେ କାହାର ଦେହ ଖରାପ ହେଲେ କଥା ସରିଲା। କାନ୍ଧରେ ଭାର କରି ନେବାକୁ ପଡିଥାଏ। ସରକାର ଏବଂ ପ୍ରଶାସନ ସମସ୍ୟାର ସମାଧାନ କରିବା ନିହାତି ଦରକାର ବୋଲି ୱାର୍ଡମେମ୍ବର ପ୍ରଦୀପ ସାହାଣୀ, ବଡଣା କହଁର, ରୀନା କହଁର, ନଳିନୀ କହଁର, ସୁବାସିନୀ କହଁର, ଦିଲ୍ଲୀପ କହଁର, ପୀତବାସ କହଁର ପ୍ରମୁଖ ପ୍ରକାଶ କରିଛନ୍ତି।



ନାଳ ପାରି ହୋଇ ପିଲାମାନେ ଯାଉଛନ୍ତି।

## ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

**ରାଇକିଆ,୧୪।୮(ଡି.ଏନ.ଏ.)**

ରାଇକିଆ ବ୍ଲକ କାଳିଗାଡୁ-ସୁଗଡବାଡି ରାସ୍ତାରେ ଏକ ସପ୍ତାହ ହେଲା ଯାତାୟାତ ବନ୍ଦ ରହିଛି। ଲଗାଣ ବର୍ଷା ଯୋଗୁ କାଳିଗାଡୁ ନାଳରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେବା ଫଳରେ ସେଠାରେ ଥିବା ନିର୍ମାଣାଧୀନ ପୋଲର ଉଭୟ ପାର୍ଶ୍ୱ ଆପ୍ରୋଚ ରୋଡ ଧୋଇ ଯାଇଥିଲା। ଫଳରେ କାଳିଗାଡୁ ସମେତ ସନ୍ଦରେଜୁ, ନାଉଡ଼ିମାହାକୁ ଯାତାୟାତ ହୋଇପାରୁନାହିଁ। ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଭାବେ ନାଳ ପାର ହୋଇ ବିଦ୍ୟାଳୟକୁ ଯାଉଛନ୍ତି। ପୋଲ ଆରପଟେ ଥିବା ଚାଷ ଜମିକୁ ମଧ୍ୟ ଚାଷୀ ଯାଇପାରୁନାହାନ୍ତି। ଅମଳ ହୋଇ ଥିବା ପନିପରିବା ବଜାରକୁ ବିକ୍ରି ପାଇଁ ଆଣି ପାରୁନାହାନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ପୋଲର ଉଭୟ ପାର୍ଶ୍ୱରେ ସାମୟିକ ଭାବେ ମାଟି ପକାଯାଇ ରାସ୍ତା ନିର୍ମାଣ କରାଯିବ। ବର୍ଷା ଛାଡିଲା ପରେ ଦୁଇ ପାର୍ଶ୍ୱରେ ଗାର୍ଡୱାଲ କରାଯାଇ ସ୍ଥାୟୀ ରାସ୍ତା ନିର୍ମାଣ କରାଯିବ।




ଜଣେ ଛାତ୍ରୀଙ୍କୁ ଶିଡି ଦ୍ୱାରା ନାଳରୁ ପୋଲ ଉପରକୁ ଚଢ଼ାଯାଉଛି।

**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା–କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାଷର୍କି ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ.- ୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ.- ୯୪୩୭୧୮୩୧୯୯

## ସାଧାରଣ ବଣ୍ଟନ ସାମଗ୍ରୀରେ ମିଳିଲା ମାଣ୍ଡିଆ



ବିଧାୟକ ସାଲୁଗା ପ୍ରଧାନ ହିତାଧିକାରୀଙ୍କୁ ମାଣ୍ଡିଆ ପ୍ରଦାନ କରୁଛନ୍ତି।

**ଦାରିଙ୍ଗବାଡ଼ି,୧୪।୮(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକରେ ବୁଧବାର ସାଧାରଣ ବଣ୍ଟନ ସାମଗ୍ରୀରେ ମାଣ୍ଡିଆ ବଣ୍ଟନ ଆରମ୍ଭ କରାଯାଇଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଦାରିଙ୍ଗବାଡ଼ି ବହୁମୁଖୀ ସମବାୟ ସମିତି ପରିସରରେ ସାଧାରଣ ବଣ୍ଟନ ସମାଗ୍ରୀରେ ଚାଉଳ, କିରୋସିନ, ଗହମ ଆଦି ଦିଆଯାଉଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ହିତାଧିକାରୀଙ୍କୁ ରାଶନ କାର୍ଡ ପିଛା ୧ କି.ଗ୍ରା ମାଣ୍ଡିଆ ଦିଆଯାଇଛି। ଦାରିଙ୍ଗବାଡି ବ୍ଲକରେ ୨୫ ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୨୮ ହଜାର ୧୪ ପରିବାର ସାମିଲ ହୋଇଛନ୍ତି। ବ୍ଲକକୁ ମୋଟ ୨୮୦ କୁଇଣ୍ଟାଲ ୧୪ କେଜି ମାଣ୍ଡିଆ ଆସିଛି। ସମସ୍ତ ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀଙ୍କୁ ଏହା ବଣ୍ଟନ କରାଯିବ ବୋଲି ବିଧାୟକ ପ୍ରଧାନ କହିଛନ୍ତି। ମାଣ୍ଡିଆ ବଣ୍ଟନ ଶୁଭାରମ୍ଭ ବେଳେ ସମିତିର ଅଧ୍ୟକ୍ଷ ଧର୍ମେନ୍ଦ୍ର ପ୍ରଧାନ, ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷେ ବହୁମୁଖି ସମବାୟ ସମିତି ପକ୍ଷରୁ ଅଞ୍ଚଳର ଚାଷୀଙ୍କଠାରୁ କିଣାଯାଇଥିବା ୧୨୧ କୁଇଣ୍ଟାଲ ମାଣ୍ଡିଆ ସାଧାରଣ ବଣ୍ଟନ ସାମଗ୍ରୀ ଭାବେ ଦିଆଯିବା ପାଇଁ ଜିଲା ହେଡକ୍ୱାଟରରେ ରଖାଯାଇଥିଲା ବୋଲି ସମିତିର ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୧୪।୮-ଫିରିଙ୍ଗିଆ ଥାନା ପୋଲିସ ଫିରିଙ୍ଗିଆ ପଞ୍ଚାୟତ ପାଖ ସିମିଳି ସାହିରେ ଚଢ଼ାଉ କରି ଏକ ଗାଡିରୁ ୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଫୁଲବାଣୀ ସହର କେନ୍ଦୁପଦରର ସୁଜିତ ଭୋଇ। ଗଞ୍ଜେଇ ଚାଲାଣରେ ଜଣେ ନାବାଳକଙ୍କ ମଧ୍ୟ ସମ୍ପୃକ୍ତି ରହିଛି। ଗାଡି ଚାଳକ ଫେରାର ହୋଇଯାଇଛନ୍ତି। ତାଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

## ତୁମୁଡିବନ୍ଧରେ ସ୍ୱାସ୍ଥ୍ୟ ଶିବିର

**ତୁମୁଡିବନ୍ଧ,୧୪।୮(ଡି.ଏନ୍.ଏ.):** ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ ପଞ୍ଚାୟତ ସେବା ଭାରତୀଠାରେ କିମ୍ସ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬୮ ରୋଗୀଙ୍କ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। କିମ୍ସ ମେଡିକାଲ ଭୁବନେଶ୍ୱରର ଡାକ୍ତର ନିଖିଳ ଓର୍ଡା ନିଶାନ ଚିକିତ୍ସା କରିଥିବାବେଳେ ଫାର୍ମାଶିଷ୍ଟ ପ୍ରଦ୍ୟୁମ୍ନ କୁମାର ପଣ୍ଡା ସହାୟତା କରିଥିଲେ। କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲା କିସ୍ ସଂଯୋଜକ ଦୁଷ୍ମନ୍ତ ପ୍ରଧାନ କିସ୍ ବୋର୍ଡ ମେମ୍ବର ନିରାକାର ପାତ୍ର ପରିଚାଳନା କରିଥିଲେ।

## ଭଙ୍ଗାଘରେ ଚାଲିଛି ଶିଶୁଙ୍କ ଭବିଷ୍ୟତ ଗଢ଼ା

**ବୈଦ୍ୟନାଥ ବେହେରା**
**ଖଜୁରିପଡ଼ା,୧୪।୮(ଡି.ଏନ.ଏ.)**

ଶିଶଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଓ ପ୍ରାକ୍ ପ୍ରାଥମିକ ଶିକ୍ଷା ଦେବା ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ତେବେ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ କେଉଁଠି ଗଛମୂଳେ ତ କେଉଁଠି ଗାଁ ମଣ୍ଡପ ନଚେତ କାହା ବାରଣ୍ଡା ଓ ଭଡ଼ାଘରେ ଶିଶୁମାନଙ୍କୁ ବସାଇ ସେମାନଙ୍କ ଭବିଷ୍ୟତ ଗଢ଼ାଯାଉଛି। ଏଭଳି ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତରେ। ପଞ୍ଚାୟତର ନବଗୁବା ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ର କାନ୍ଥରେ ଫାଟ ହୋଇଥିବା ବେଳେ ଆଜବେଷ୍ଟସ ଓ କବାଟ, ଝରକା ସବୁ ଭାଙ୍ଗିଲାଣି। ଗୃହଟି ବିପଦପୂର୍ଣ୍ଣ ଅବସ୍ଥାରେ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ର ବାରଣ୍ଡା ନଚେତ ଗଛମୂଳେ ବସାଇ ପାଠ ପଠାଯାଉଛି ବୋଲି ପାଚିକା ଓ ଅଙ୍ଗନୱାଡି କର୍ମୀ ପ୍ରକାଶ କରିଛନ୍ତି। ଉଭୟେ ଏହି ସମସ୍ୟା ନେଇ ସିଡିପିଓ, ସରପଞ୍ଚଙ୍କୁ ଜଣାଇଛନ୍ତି। ସେହିପରି ଭଞ୍ଜରମୁଣ୍ଡା ନୂଆବସ୍ତି ଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ। ତେଣୁ ପିଲାମାନଙ୍କୁ ଧର୍ମ ମଣ୍ଡପରେ ବସାଇ ପାଠ ପଢ଼ାଉଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଠାକୁ କେତେକ ସମୟରେ ଅଙ୍ଗନୱାଡି କର୍ମୀ ଆସୁ ନ ଥିବା ମଧ୍ୟ ଶୁଣିବାକୁ ମିଳୁଛି। ବଲସକୁମ୍ପାରେ ଥିବା ଅଙ୍ଗନୱାଡି ସୁପରଭାଇଜର କ୍ୱାର୍ଟରର ଆଜବେଷ୍ଟସ ମଧ୍ୟ ଫାଟି ପାଣି ଗଳୁଛି। ବଲସକୁମ୍ପା ମା' ଇଷ୍ଟଦେବୀ ଯୁବ କଳା ପରିଷଦ ଯୁବକ ସଂଘ ପକ୍ଷରୁ ବଲସକୁମ୍ପା ଅଙ୍ଗନୱାଡି (ଏ)ର ଏକ ନୂତନ ଗୃହ ଏବଂ ସୁପରଭାଇଜର କ୍ୱାର୍ଟର ନିର୍ମାଣ ପାଇଁ ସରପଞ୍ଚଙ୍କୁ ଅନୁରୋଧ କରାଯାଇଛି। ଅଙ୍ଗନୱାଡ଼ି ଗୃହ ଏବଂ ସୁପରଭାଇଜର କ୍ୱାର୍ଟର ନିର୍ମାଣ ପାଇଁ ସରକାରଙ୍କୁ ସରପଞ୍ଚ ଅନୁରୋଧ କରିଥିବା ମା' ଇଷ୍ଟ ଦେବୀ ଯୁବ କଳା ପରିଷଦର ସଭାପତି ବିନାୟକ ସାହାଣୀଙ୍କୁ ଜଣାଇଛନ୍ତି। ଏ ନେଇ ସରପଞ୍ଚ ଅଜୟ କୁମାର ମଲ୍ଲିକ କହିଛନ୍ତି, ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ସରକାରଙ୍କୁ ଜଣାଯାଇଛି। ସେହିପରି ସିଡିପିଓ ଗୀତାଞ୍ଜଳି ପଣ୍ଡା ବ୍ଲକରେ ମରାମତି ଓ ନୂତନ ନିର୍ମାଣ ଆବଶ୍ୟକ ହେଉଥିବା ଅଙ୍ଗନୱାଡି ଗୃହ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିବା କହିଛନ୍ତି।



ଘର ବାରଣ୍ଡାରେ ଶିଶୁଙ୍କୁ ପାଠପଢ଼ା ଯାଉଛି।

No.: 39-L

କାଳିଆ
କୃଷି ଜଲେ ଉନ୍ନତ ସକଳ ଉନ୍ନତି

# କାଳିଆ

## ଗ୍ରାମ ପଞ୍ଚାୟତ ସ୍ତରରେ କାଳିଆ ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟା

**୨୭ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ**

- କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା କିମ୍ବା ଦରଖାସ୍ତ କରି ଚୟନ ହୋଇନଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୨୭ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁରହିବ।
- ଏହି ଯାଞ୍ଚରେ କାଳିଆ ସହାୟତା ପାଇଥିବା ତାଲିକାରୁ କାଳିଆ ମାନଦଣ୍ଡ ବ୍ୟବହାର କରି ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଓ ବାଦ୍ ଦିଆଯିବ।
- କମ୍ ହିତାଧିକାରୀ ଥିବା ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାଳିଆ ଦରଖାସ୍ତ ଫର୍ମ ଗ୍ରହଣ ଓ ଅନ୍ୟ ସମସ୍ତ ପଞ୍ଚାୟତରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ବ୍ୟବସ୍ଥା ଏହି ସମୟ ମଧ୍ୟରେ ଚାଲୁ ରହିବ।

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବର ବ୍ୟବହାର କରନ୍ତୁ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା | କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

www.kalia.co.in

କାଳିଆ ହେଲ୍ପ ଲାଇନ୍

୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

01034/11/0012/1920

## ସଂକ୍ଷେପରେ

### ରାଧାକୃଷ୍ଣଙ୍କ ଝୁଲଣ ଉତ୍ସବ

**ବ୍ରହ୍ମପୁର ଅଫିସ,୧୪।୮:** କୁକୁଡାଖଣ୍ଡି ବ୍ଲକ ଲାଠୀ ଗ୍ରାମ ରାଧାକୃଷ୍ଣ ମନ୍ଦିର ପରିସରରେ ମହାପ୍ରଭୁଙ୍କ ଝୁଲଣ ଯାତ୍ରା ପାଳିତ ହୋଇଯାଇଛି। ପ୍ରତିଦିନ ଏହି ଯାତ୍ରା ଅବସରରେ ରାଧା-ରାଧାକାନ୍ତ ମହାପ୍ରଭୁଙ୍କୁ ସଜାଇବା ପରେ ଝୁଲଣ କୁଞ୍ଜରେ ବସାଇ ଭକ୍ତମାନେ ଝୁଲାଇଥାନ୍ତି। ଗହ୍ମାପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟା ୬.୩୦ରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯାତ୍ରା ଅବସରରେ ଭକ୍ତମାନେ ମନ୍ଦିରରେ ଜମା ହୋଇ ମହାପ୍ରଭୁଙ୍କ ଝୁଲଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆସୁଛନ୍ତି ବୋଲି ମନ୍ଦିର ପୂଜକ ଭାଗବତ ପାଢ଼ୀ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଗୋପାଳପୁର,୧୪।୮:** ଗୋଳନ୍ଥରା ଥାନା ପଞ୍ଚମା ଗ୍ରାମରେ ବିଦ୍ୟୁତ୍ ଆଘାତରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦାମୋଦର ନାହାକ (୨୪)। ଦାମୋଦର ଉକ୍ତ ଗ୍ରାମର ଭାସ୍କର ପ୍ରଧାନଙ୍କ ଘରକୁ ଫ୍ୟାନ ଲଗାଇବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସି ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୧୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଗୋଞ୍ଛା ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ

**ସୋରଡ଼ା,୧୪।୮ (ଡି.ଏନ.ଏ.):** ସୋରଡ଼ା ବ୍ଲକର ଗୋଞ୍ଛା ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ସିଆର୍‌ସି ଅରୁଣ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। ମଧ୍ୟାହ୍ନରେ ଛାତ୍ରମାନଙ୍କୁ ଚାରାରୋପଣର ଉପକାରିତା ସମ୍ପର୍କରେ କୁହାଯିବା ସହ ତାକୁ ସୁରକ୍ଷା ଦେବା ପାଇଁ ମିଳିତ ନିଷ୍ପତ୍ତି ହୋଇଥିଲା । ଗୋଞ୍ଛା ଅଞ୍ଚଳର ସମସ୍ତ ବିଦ୍ୟାଳୟ ପରିସରରେ ଚାରାରୋଣ ପାଇଁ ସଚେତନ କରାଯିବ ବୋଲି ବେହେରା କହିଛନ୍ତି ।

### ବନ୍ୟଜନ୍ତୁକୁ ଗିଳିଲା ବୋଡ଼ା ସାପ



**ବୁଗୁଡ଼ା,୧୪।୮ (ଡି.ଏନ୍.ଏ.):** ବୁଗୁଡ଼ା ଥାନା ମୋଟାବାଡ଼ି ନିକଟସ୍ଥ ପଡ଼ିଆରେ ବୁଧବାର ସନ୍ଧ୍ୟାରେ ଏକ ବନ୍ୟଜନ୍ତୁକୁ ଗିଳିବା ଅବସ୍ଥାରେ ବୋଡ଼ା ସାପକୁ ଦେଖିବାକୁ ମିଳିଛି। ଲୋକେ ବିଲରେ କାମ କରି ଫେରୁଥିବା ବେଳେ ଏହି ସାପକୁ ଦେଖିଥିଲେ। ଅନ୍ୟ କୌଣସି ଜନ୍ତୁକୁ ଖାଇ ଦେବାର ଭୟ କରି ଲୋକେ ସାପର ମୁଣ୍ଡକୁ ବାନ୍ଧି ଦେଇଥିବା ସୂଚନା ମିଳିଛି। ବନବିଭାଗକୁ ଜଣାଯାଇଥିଲେ ମଧ ରାତି ୮ଟା ସୁଦ୍ଧା କେହି ପହଞ୍ଚି ନ ଥିଲେ। ଏ ନେଇ ବୁଗୁଡ଼ା ବନପାଳ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଆମେ ଯାଉଛୁ ବୋଲି କହିଥିଲେ।

■ ହଳଦିଆପଦର ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପ୍ରସଙ୍ଗ

# ବସୁଛି ବୈଠକ, ହେଉନି ସମାଧାନ

**ବ୍ରହ୍ମପୁର ଅଫିସ,୧୪।୮**

ବ୍ରହ୍ମପୁର ଉପକଣ୍ଠ ହଳଦିଆପଦରରେ ନିର୍ମିତ ନୂତନ ବସ୍ ଟର୍ମିନାଲ ଉଦ୍‌ଘାଟନକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଛି । ତଥାପି ବସ୍ ଚଳାଚଳ ତଥା କାର୍ଯ୍ୟକ୍ଷମ କରିବାରେ ପ୍ରଶାସନ ବିଫଳ ହୋଇଛି । ବାରମ୍ବାର ବୈଠକ ବସୁଥିଲେ ମଧ୍ୟ ସମାଧାନର ରାସ୍ତା ବାହାରି ପାରୁନାହିଁ । ଏନେଇ ବିଡିଏ ସମ୍ମିଳନୀ କକ୍ଷରେ ପ୍ରଶାସନିକ ଅଧିକାରୀ ଓ ବସ୍‌ମାଲିକ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଜୁଲାଇ ୧୬ରେ ଆଲୋଚନା ହୋଇଥିବା ବେଳେ ବୁଧବାର ପୁଣି ଏକ ଆଲୋଚନା ବୈଠକ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା ଘରୋଇ ବସ ମାଲିକ ସଂଘ ସହ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପୂର୍ବ ବୈଠକରେ ପ୍ରଥମେ ସରକାରୀ ବସ୍ ତଥା ଓଏସ୍‌ଆରଟିସି ଓ ଇଣ୍ଟର ଷ୍ଟେଟ ବସ୍‌ଗୁଡିକୁ ଟର୍ମିନାଲରୁ ଚଳାଚଳ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବା ସଂଘ କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ ।



ବୈଠକରେ ବିଧାୟକ, ଏମ୍‌ପି ଓ ବସ୍‌ମାଲିକ ସଂଘ କର୍ମକର୍ତ୍ତା ।

ବସ୍‌ମାଲିକଙ୍କ ସହ ଆଲୋଚନା ବିନା ହଳଦିଆପଦରରେ ଟର୍ମିନାଲ ନିର୍ମାଣ ସହ ଉଦ୍‌ଘାଟନ କରାଯାଇଛି । ଏହା ବ୍ୟତୀତ ନୂତନ ଟର୍ମିନାଲକୁ ବସ୍‌ଯାତାୟାତ କରିବାକୁ ମୌଳିକ ସୁବିଧା ନ ଥିବା ସଂଘ କର୍ମକର୍ତ୍ତାମାନେ ବିଧାୟକ, ଏମ୍‌ପିଙ୍କୁ ଅବଗତ କରାଇଥିଲେ । ସଂଘ ପକ୍ଷରୁ ବହୁବାର ଟର୍ମିନାଲକୁ ବସ୍ ଚଳାଚଳ ନିମିତ୍ତ ଫ୍ଲାଏ ଓଭର ତଥା ଅଣ୍ଡରପାସ୍ କରିବାକୁ ଦାବି କରାଯାଇଥିଲେ ମଧ୍ୟ ଏଯାଏ ନିର୍ମାଣ ହୋଇ ନାହିଁ। ଯାତାୟାତ ନିମିତ୍ତ ରାସ୍ତା ସୁବିଧା ନ ହେବା ପର୍ଯ୍ୟନ୍ତ ଘରୋଇ ବସ୍ ନୂତନ ଟର୍ମିନାଲକୁ ଯାତାୟାତ

**ବିଧାୟକ, ଏମ୍‌ପି - ବସ୍‌ମାଲିକ ସଂଘ ଆଲୋଚନା**

କରିବା ଅସମ୍ଭବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା । ହଳଦିଆପଦର ନୂତନ ସିଟି ବସ୍‌ଷ୍ଟାଣ୍ଡକୁ ସହର ମଧ୍ୟଦେଇ ଆଞ୍ଚଳିକ ବସ୍‌ଗୁଡିକୁ ଯାତାୟାତ କରିବାକୁ ଲାଗୁଥିବା ଅଧିକ ସମୟ ଏବଂ ସେହି ସମୟରେ ସୃଷ୍ଟି ହେବାକୁ ଥିବା ଟ୍ରାଫିକ ସମସ୍ୟା ସମାଧାନ ନେଇ ମଧ୍ୟ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେମାନେ କହିଥିଲେ । ଏଥିସହ ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଥିବା ସିଟି ବସ୍‌ଷ୍ଟାଣ୍ଡରେ ମଧ୍ୟ ଥିବା ବିଭିନ୍ନ ସମସ୍ୟା ଉପରେ ବସ୍ ମାଲିକମାନେ କହିଥିଲେ । ବର୍ତ୍ତମାନର ସିଟି ବସ୍‌ଷ୍ଟାଣ୍ଡ ଦୀର୍ଘ ୬ ମାସ ଧରି ଅନ୍ଧକାର ମଧ୍ୟରେ ରହିଛି । ଏଥିସହ ଷ୍ଟାଣ୍ଡରେ ଯାତ୍ରୀଙ୍କ ଆନୁଷଙ୍ଗିକ ସୁବିଧା ନ ଥିବା ସେମାନେ ସୂଚାଇଥିଲେ । କେବଳ ଆଲୋଚନା ନ କରି ଏହାର ସମାଧାନର ରାସ୍ତା ବାହାର କରିବାକୁ ମାଲିକମାନେ ଯୁକ୍ତି ବାଢିଥିଲେ । ବୈଠକରେ ବିଜେଡି ଜିଲା ଉପସଭାପତି ସଞ୍ଜିତ କୁମାର ପାଣିଗ୍ରାହୀଙ୍କ ସମେତ ଗଞ୍ଜାମ ଜିଲା ବସ୍‌ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବ୍ୟାଙ୍କ ଅଫ ଇଣ୍ଡିଆର ଗ୍ରାହକ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାହକ ।

**ବ୍ରହ୍ମପୁର ଅଫିସ,୧୪।୮**

ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଗ୍ରାହକ ସମ୍ମିଳନୀବୁଧବାରଅନୁଷ୍ଠିତହୋଇଯାଇଛି। ଷ୍ଟେଶନ ରୋଡସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର କ୍ଷେତ୍ର ମହାପ୍ରବନ୍ଧକ ଶ୍ୟାମସୁନ୍ଦର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଆଞ୍ଚଳିକ ବରିଷ୍ଠ ପ୍ରବନ୍ଧକ ଟି. ଶ୍ରୀନୁ ବାବୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହାୟକ ମହାପ୍ରବନ୍ଧକ ଅରବିନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବ୍ୟାଙ୍କ ଅଫ ଇଣ୍ଡିଆ ସହ ଗ୍ରାହକଙ୍କ ସମ୍ପର୍କ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଗ୍ରାହକଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ବ୍ରହ୍ମପୁର ମୁଖ୍ୟ ଶାଖା ପ୍ରବନ୍ଧକ ଚନ୍ଦ୍ର ଶେଖର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ପ୍ରବନ୍ଧକ ଦିବ୍ୟ ରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ବ୍ରହ୍ମପୁରର ଜି. ନାଗେଶ୍ୱର ରାଓ, ତ୍ରିଲୋଚନ ବେହେରା, ହିଞ୍ଜିଳିକାଟୁର ଉପେନ୍ଦ୍ର ପାତ୍ର, କନିଷିର ଭଗବାନ ପାଢ଼ୀ, ଗୁଣମଣି ସାହୁ ଓ ରାଧାମୋହନ ପାଢ଼ୀ ପ୍ରମୁଖଙ୍କୁ ବ୍ୟାଙ୍କ ପକ୍ଷରୁ ଶ୍ରେଷ୍ଠ ଗ୍ରାହକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଗ୍ରାହକ ସାମିଲ ହୋଇଥିଲେ । ବଳରାମ ସାହୁ, ପର୍ଶୁରାମ ସେଠୀ, ପ୍ରକାଶ ଚନ୍ଦ୍ର ବେହେରା, ମହେଶ୍ୱର ସୁଆର, ରବୀନ୍ଦ୍ରନାଥ ଦାଶ, ଜିତେନ୍ଦ୍ର ସେଠୀ, ରଶ୍ମୀରଞ୍ଜନ ପ୍ରଧାନ ଓ ରମାକାନ୍ତ ଦାଶ ପ୍ରମୁଖ ଶାଖା ପରିଚାଳକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବରିଷ୍ଠ ଆଇନଜୀବୀ ଗୋପାଳ କୃଷ୍ଣ ଡାକୁଆ ଧନ୍ୟବାଦ ଦେଇଥିଲେ ।

## ଚକ୍ଷୁ ଚିକିତ୍ସା ଶିବିର

**ସୋରଡ଼ା,୧୪।୮ (ଡି.ଏନ.ଏ.)**

ସୋରଡ଼ା ବ୍ଲକର ସିନ୍ଧପୁର ପଞ୍ଚାୟତ ଜନସାଧାରଣ ଏବଂ ଦେଶପ୍ରେମୀ ସଂଗଠନର ତତ୍ତ୍ୱାବଧାନରେ ମଙ୍ଗଳବାର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ପରଳ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭାସ୍କର ବିଷୋୟୀ, ସରପଞ୍ଚ ଗୋପୀ ମଲିକ ଯୋଗ ଦେଇଥିଲେ। ୧୩୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୨୫ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ୩୭ ଜଣଙ୍କୁ ପରଳ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଛି। ନଳିନୀକାନ୍ତ ରାଉତ, ଅହଲ୍ୟା ଲକ୍ଷ୍ମୀ, ତପସ୍ୱିନୀ ଦାଶ ପ୍ରମୁଖ ପରୀକ୍ଷା କରିଥିଲେ । ଏଥିରେ ବହୁ ଲୋକ ଚକ୍ଷୁ ପରୀକ୍ଷା କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : bmpselfie@gmail.com



ସୁବୁଦ୍ଧି



ରାଧାକ୍ରିଷ୍ଣ



ଅମର

## ଦାୟିତ୍ୱ ନେଲେ ବ୍ରହ୍ମପୁର ନୂତନ ଉପଜିଲାପାଳ

**ବ୍ରହ୍ମପୁର ଅଫିସ୍,୧୪।୮**

ବ୍ରହ୍ମପୁର ଉପଜିଲାପାଳ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ। ୨୦୧୬ ବ୍ୟାଚ୍‌ର ଆଇଏଏସ୍ ଭାଉସାହେବ ଏହା ପୂର୍ବରୁ ବାଲିଗୁଡ଼ା ଉପଜିଲାପାଳ ଦାୟିତ୍ୱରେ ଥିଲେ। ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କର ଗତ ୩ତାରିଖରେ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିଲା। ଭାଉସାହେବଙ୍କୁ ବ୍ରହ୍ମପୁର ଉପଜିଲାପାଳ ଭାବେ ଅବସ୍ଥାପିତ କରାଯାଇଥିଲା। ଓଡ଼ିଶା କ୍ୟାଡର୍ ଆଇଏଏସ୍ ଭାଉସାହେବ ପ୍ରଶାସନିକ ସେବା ତାଲିମ୍ ନେବା ପରେ ବାଲିଗୁଡ଼ାରେ ପ୍ରଥମ ଥର ପାଇଁ ଉପଜିଲାପାଳ ଭାବେ ନିଯୁକ୍ତି ପାଇଥିଲେ। ଗୁରୁବାର ସେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା ଏବଂ ସରକାରୀ ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । ଭାଜପା ନେତା ରାମ କୁମାର ପାତ୍ର, ଯୁବ ମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ, ପ୍ରିୟ ରଞ୍ଜନ ବେହେରା, ଭିକେଶ ପାଣିଗ୍ରାହୀ ଓ କିରଣ କୁମାର ସାହୁ ପ୍ରମୁଖ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇବା ସହ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ।



ଉପଜିଲାପାଳଙ୍କୁ ସ୍ୱାଗତ କରାଯାଉଛି ।

**ବରିଷ୍ଠ ନାଗରିକଙ୍କୁ ମାଡ଼ ଅଭିଯୋଗ**

## ୪ ଦିନ ପରେ ବି ଅଭିଯୁକ୍ତଙ୍କୁ ଧରିନି ପୋଲିସ

**ଦିଗପହଣ୍ଡି,୧୪।୮ (ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ ଚାଉଳିଆ ସାହିର ବୃଦ୍ଧ ସୁଦାମ ସାହୁଙ୍କୁ ୪ ଜଣ ଯୁବକ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସୁଦାମଙ୍କୁ ଉଦ୍ଧାର ପାଇଁ ଆସିଥିବା ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ମଧ୍ୟ ସେମାନେ ଟଣାଓଟରା କରି ମାଡ଼ ମାରିଛନ୍ତି। ସୁଦାମଙ୍କ ଏତଲାକ୍ରମେ ଦିଗପହଣ୍ଡି ଥାନା ନଂ. ୧୪୭/୧୯ରେ ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି । ଗତ ରବିବାର ଅପରାହ୍ନରେ ସୁଦାମ ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ଧରି ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ପାଟି ଶୁଣି ସ୍ତ୍ରୀ ଓ ଝିଅ ଆସିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ରହିଛି । ଘଟଣାର ୪

■ ଏତଲାକାରୀଙ୍କ ନାଁରେ ପାଲଟା ମାମଲା

■ ଏସ୍‌ପିଙ୍କୁ ଭେଟିବାକୁ ଗ୍ରାମସଭାରେ ନିଷ୍ପତ୍ତି

ଦିନ ପରେ ସୁଦାମଙ୍କ ସମେତ ତାଙ୍କ ପୁଅ ଓ ସ୍ତ୍ରୀଙ୍କ ନାଁରେ ଥାନାରେ ନଂ. ୧୪୮/୧୯ରେ ପାଲଟା ମାମଲା ରୁଜୁ ହୋଇଛି। ଉକ୍ତ ସାହିର ସ୍ୱର୍ଗତ ସତ୍ୟ ନାରାୟଣ ସାହୁଙ୍କ ସ୍ତ୍ରୀ ଲକ୍ଷ୍ମୀ ଏ ନେଇ ଏତଲା ଦେବା ପରେ ବୁଧବାର ଅପରାହ୍ନରେ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏଏସ୍‌ଆଇ ଦିଲୀପ କୁମାର ସାହୁ କହିଛନ୍ତି। ତେବେ ପୋଲିସ ପାଲଟା ମକଦ୍ଦମା ରୁଜୁ କରିଥିବାରୁ ଗ୍ରାମବାସୀ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବ୍ରହ୍ମପୁର ଏସ୍‌ପିଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି। ଏ ନେଇ ବୁଧବାର ସନ୍ଧ୍ୟାରେ ଗ୍ରାମସଭା ଡକାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ ହୋଇଛି।

## ଜେନା ସାହି କଲ୍ୟାଣ ମଣ୍ଡପରେ ଚକ୍ଷୁ ଚିକିତ୍ସା ଶିବିର

**ବ୍ରହ୍ମପୁର ଅଫିସ୍,୧୪।୮**

ବ୍ରହ୍ମପୁର ମହାନଗର ନିଗମ ଅର୍ନ୍ତଗତ ୭ନଂ. ୱାର୍ଡ଼ ଜେନା ସାହି କଲ୍ୟାଣ ମଣ୍ଡପରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ରୁବି ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଶିବିରର ନେତୃତ୍ୱ ନେଇଥିଲେ ପୂର୍ବତନ କର୍ପୋରେଟର୍ ରାକେଶ କୁମାର ସାହୁ । ଡା. ପ୍ରବୀଣ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବାହିନୀ ଦକ୍ଷିଣାଞ୍ଚଳ ସଂଯୋଜକ ସନ୍ତୋଷ ପଟ୍ଟନାୟକ, ହୟଗ୍ରୀବ ଷଡ଼ଙ୍ଗୀ, ସାହି ସଭାପତି ପ୍ରସନ୍ନ ରଥ, ସମ୍ପାଦକ ରବୀନ୍ଦ୍ର ସାହୁ, ନିରଞ୍ଜନ ଜେନା, ଅନିଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଡା. ଶିବବ୍ରତ ମିଶ୍ର ଏବଂ ଡା. ପ୍ରଭାତ ପ୍ରଧାନ ଚକ୍ଷୁ ପରୀକ୍ଷା କରିଥିଲେ । ଦୀପଙ୍କର ପାତ୍ର, ବାଲାଜୀ ବେହେରା, ସୀମାଞ୍ଚଳ ସାହୁ, ଶଙ୍କର ଗୌଡ଼, ବାବୁଲି ପଣ୍ଡା, ଟିଙ୍କା ଗୌଡ଼ ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ ।



ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି ।

■ ବିନା ଲିଜ୍‌ରେ ଚାଲିଛି ପଥର ଖାଦାନ

# ବଢ଼ୁଛି ପଥରଫଟା, ହ୍ରାସ ପାଉଛି ସବୁଜିମା

**ବ୍ରହ୍ମପୁର ଅଫିସ,୧୪।୮**

ଗଞ୍ଜାମ ଜିଲା କୁକୁଡାଖଣ୍ଡି ତହସିଲ ଅଞ୍ଚଳରେ ଥିବା କେରାଣ୍ଡିମାଳ ପର୍ବତକୁ ଏବେ ପଥର ମାଫିଆମାନେ ନିଜ କବଜାକୁ ନେଇ ବେଧଡକ ଓ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରୁଛନ୍ତି। ଉକ୍ତ ତହସିଲ ଅଧୀନ ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବେଆଇନ ପଥର ଉତ୍ତୋଳନ ବୃଦ୍ଧି ପାଉଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ଘଟିବା ସହ ଅବାଧରେ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ପଥର ଉତ୍ତୋଳନ ପାଇଁ ବ୍ଲାଷ୍ଟିଂ ହେଉଥିବା ଯୋଗୁ ଅଞ୍ଚଳର ଚାଷ ଜମି ପ୍ରଭାବିତ ହେବାରେ ଲାଗିଛି। ପଥର ଖାଦାନଗୁଡିକରେ ଜିଲୋଟିନ ଓ ଡିନାମାଇଟ ଭଳି ବିସ୍ଫୋରକ ସାମଗ୍ରୀ ଖଞ୍ଜି କମ୍ପ୍ରେସର ମେଶିନ ଦ୍ୱାରା ବେଆଇନ ଭାବେ ପଥର ଫଟାଉଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଯେ ରାସ୍ତା ଓ ଚାଷଜମିରେ ପଥର ଖଣ୍ଡ ସବୁ ଛିଟିକି ପଡୁଛି।

ଏହାବ୍ୟତୀତ ବନ୍ୟଜନ୍ତୁ ବିପଦରେ ରହୁଛନ୍ତି। ଅଞ୍ଚଳରେ ଜନବସତିର ଲୋକମାନେ ବିପଦସଂକୁଳ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ଲିଜ୍ ଦିଆଯାଇଥିବା ଖାଦାନରୁ ପଥର ଉତ୍ତୋଳନ ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଜାରି କରାଯାଇଥିବା ନିୟମକୁ ମାଫିଆମାନେ ଉଲ୍ଲଂଘନ କରୁଛନ୍ତି। ବେଆଇନ ପଥର ଉତ୍ତୋଳନ ବନ୍ଦ କରା ନ ଗଲେ ଧୀରେ ଧୀରେ ସବୁଜିମା ନଷ୍ଟ ହେଉଛି। ଏନେଇ କୁକୁଡ଼ାଖଣ୍ଡି ତହସିଲଦାର ସୁବାସ ଚନ୍ଦ୍ର ରଇତ କୁହନ୍ତି, ଆମ ତହସିଲ ଅଞ୍ଚଳରେ ୩୩ କ୍ୱାରୀକୁ ମାନୁଆଲ ପଥର ଖାଦାନ ପାଇଁ ଅନୁମତି ଦିଆଯାଇଛି। ବେଆଇନ ଭାବେ ଖାଦାନରୁ ପଥର ବ୍ଲାଷ୍ଟିଂ ହେଉଥିବା ଅଭିଯୋଗ ହେଲେ ଆମେ ସେଠାରେ ଚଢାଉ କରୁଛୁ। ଗତ କିଛିଦିନ ତଳେ ଲାଠୀ ସର୍କଲ ମହୁଡ଼ାରେ ଥିବା ୨ ପଥର କ୍ୱାରୀରେ ଦିଗପହଣ୍ଡି ପୋଲିସ ସହାୟତାରେ ଚଢାଉ କରାଯାଇଥିଲା। ସେଠାରୁ ବ୍ୟାପକ ପରିମାଣର ବିସ୍ଫୋରକ ସାମଗ୍ରୀ, ଟ୍ରାକ୍ଟର, କମ୍ପ୍ରେସର ମେଶିନ ଜବତ କରାଯାଇଥିଲା। ଦିଗପହଣ୍ଡି ପୋଲିସ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରି କ୍ୱାରୀ ମାଲିକ ବାଲାଜୀ ରେଡ୍ଡୀଙ୍କ ସମେତ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଞ୍ଚଳରେ ଥିବା ବିଭିନ୍ନ କ୍ୱାରୀଗୁଡିକରେ ନିୟମିତ ଏଭଳି ଚଢାଉ କରାଯିବ ବୋଲି ତହସିଲଦାର ରଇତ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୪ ଇଟାଭାଟି ବନ୍ଦ କଲା ପ୍ରଶାସନ



**ପାତ୍ରପୁର,୧୪।୮(ଡ଼ି.ଏନ.ଏ.):** ବେଆଇନ ଭାବେ ଚାଲିଥିବା ୪ ଇଟାଭାଟିକୁ ପାତ୍ରପୁର ତହସିଲ ପକ୍ଷରୁ ବୁଧବାର ବନ୍ଦ କରାଯାଇଛି। ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ଼ ଓ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବି.ନୂଆଗାଁରେ ୨ଟି ଓ ପମଗାଁ ଏବଂ ଭୀମପୁରରେ ଚାଲିଥିବା ୨ଟି ଏପରି ମୋଟ ୪ ଇଟାଭାଟିରେ ପ୍ରଶାସନ ପକ୍ଷରୁ ନାଲି ପତାକା ପୋତାଯାଇଛି । ପାତ୍ରପୁର ତହସିଲଦାର ଶ୍ରୀନିବାସ ବେହେରା, ପ୍ରଦୂଷଣ ବିଭାଗୀୟ ଅଧିକାରୀ, ଜରଡ଼ା ଥାନା ପୋଲିସ, ପାତ୍ରପୁର ଦମକଳବାହିନୀ, ଜୟନ୍ତୀପୁର ରାଜସ୍ୱ ନିରୀକ୍ଷକ ପ୍ରମୁଖ ଇଟାଭାଟି ଗୁଡ଼ିକ ବନ୍ଦ କରିଛନ୍ତି।

### ରାଖୀ ବାନ୍ଧିଲେ ବ୍ରହ୍ମାକୁମାରୀ

**ଦାରିଙ୍ଗବାଡ଼ି,୧୪।୮(ଡି.ଏନ.ଏ):** ଦାରିଙ୍ଗବାଡ଼ିଠାରେ ବୁଧବାର ପ୍ରଜାପିତା ବ୍ରହ୍ମାକୁମାର ବିଶ୍ୱ ବିଦ୍ୟାଳୟ, ଦାରିଙ୍ଗବାଡ଼ି ଶାଖା ପକ୍ଷରୁ ରକ୍ଷାବନ୍ଧନ କରାଯିବା ସହ ଭାଇଚାରା, ଶାନ୍ତିମୈତ୍ରୀର ବାର୍ତ୍ତା ପ୍ରଦାନ କରାଯାଇଛି। ଶାଖାର ମୁଖ୍ୟ ବ୍ରହ୍ମାକୁମାରୀ ରୁକ୍ମିଣୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମାକୁମାରୀ ରୀନା, ଶାନ୍ତି, ପ୍ରଗତୀଙ୍କ ସମେତ ବ୍ରହ୍ମାକୁମାର ମୋହନ, ଦୁଷ୍ୟନ୍ତ, ସରୋଜ, ଭାସ୍କର, କିଶୋର, ପ୍ରମୁଖ ଦାରିଙ୍ଗବାଡ଼ି ସହର, ଥାନା, ବ୍ଲକ, ତହସିଲ କାର୍ଯ୍ୟାଳୟ, ବିଡିଓଙ୍କ କାର୍ଯ୍ୟାଳୟ ଆଦି ବୁଲି ସମସ୍ତଙ୍କୁ ମିଠା ଖୁଆଇବା ସହ ଖୁସି ବାଣ୍ଟିଥିଲେ । ଏଥିସହ ରାଖୀ ବାନ୍ଧି ବାର୍ତ୍ତା ପ୍ରଦାନ କରିଥିଲେ ।

### ଏନ୍‌ଏସି ପକ୍ଷରୁ ଡାକ୍ତରଖାନା ପରିସର ସଫେଇ

**ଗଞ୍ଜାମ,୧୪।୮(ଡି.ଏନ.ଏ.):** ଗଞ୍ଜାମ ଏନଏସି ପ୍ରଶାସନ ପକ୍ଷରୁ ବୁଧବାର ଡାକ୍ତରଖାନା ପରିସର ସଫେଇ କରାଯାଇଛି। ଏଥିସହିତ ସହର ସାରା ସ୍ୱଚ୍ଛ ମିଶନ ବ୍ୟାନର ଲଗାଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ଗୁଡୁ, ଆକାଉଣ୍ଟାଣ୍ଟ ହରଜିତ ସାଥୁଆ, ବିଜୁ ଯୁବ ବାହିନୀ ଏନଏସି ସଭାପତି ପିଙ୍କୁ ସାହୁ, ସଂଯୋଜକ ଲିଟୁ ମହାପାତ୍ର, କୋଷାଧ୍ୟକ୍ଷ ରତ୍ନାକର ଦଳାଇ, ସହଯୋଗୀ ସୁନିଲ କୁମାର ଗୌଡ଼, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, ଏନଏସି କର୍ମଚାରୀ ଲକ୍ଷ୍ମୀଚରଣ ପାଢ଼ୀ, ଜମାଦାର ଉତ୍ତମ ବେହେରା, ବିପିନି ବାରିକିଙ୍କ ସମେତ ଅନ୍ୟାନ୍ୟ ସଂଗଠନ ଏହି ଅଭିଯାନରେ ସାମିଲ ହୋଇଥିଲେ । ସହରକୁ ସୁନ୍ଦର କରିବା ପାଇଁ ଏପରି ପ୍ରୟାସ ଜାରି ରହିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଡୁ କହିଛନ୍ତି।

### ଜମ୍ମୁ କଶ୍ମୀର, ଲଦାଖର ବିଭିନ୍ନ କଲେଜକୁ ରାଖୀ ପ୍ରେରଣ

**ହିଞ୍ଜିଳିକାଟୁ,୧୪।୮(ଡ଼ି.ଏନ୍.ଏ):** ଜମ୍ମୁ କଶ୍ମୀର ଅଞ୍ଚଳର ଯୁବକ ଓ ଯୁବତୀଙ୍କୁ ସ୍ନେହ ଶ୍ରଦ୍ଧା ଜଣାଇ ପାଇଁ ହିଞ୍ଜିଳିକାଟୁ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ଜମ୍ମୁ କଶ୍ମୀର ଓ ଲଦାଖର ବିଭିନ୍ନ କଲେଜକୁ ଏହି କଲେଜ ପକ୍ଷରୁ ରାଖୀ ପ୍ରେରଣ କରାଯାଇଛି। ବୁଧବାର କଲେଜ ପରିସରରେ ବହୁ ଛାତ୍ରୀଛାତ୍ର ଲଫାଫାରେ ରାଖୀ ପଠାଇବା ସହ ୱାନ ଇଣ୍ଡିଆ ବାର୍ତ୍ତା ପ୍ରେରଣ କରିଛନ୍ତି। ଶିବାନୀ ପାତ୍ରଙ୍କ ନେତୃତ୍ୱରେ କାଜଲ ପାଢ଼ୀ, ଜସ୍‌ମିନ ପାଢ଼ୀ, ସରସ୍ୱତୀ ବେହେରା, କେ ପୂଜା, ସୋନାଲି ବେହେରା ପ୍ରମୁଖ ରାଖୀ ପଠାଇଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗ

# ଜମି ଆଡଭାନ୍ସ ପୋଜିଶନକୁ ଅନୁମତି

**ଛତ୍ରପୁର,୧୪।୮(ଡି.ଏନ.ଏ)**

ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଜମିର ଆଡଭାନ୍ସ ପୋଜିଶନକୁ ରାଜ୍ୟ ସରକାରଙ୍କଠାରୁ ମଙ୍ଗଳବାର ଅନୁମତି ମିଳିଛି। ଏ ସମ୍ପର୍କିତ ଚିଠି (ନଂ.୨୩୭୦୦) ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାର ଯୁଗ୍ମ ସଚିବ ଦିଲୀପ କୁମାର ସାହୁଙ୍କଠାରୁ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଆସିଛି। କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଛତ୍ରପୁର ତହସିଲ ଅଧିନ ଆର୍ଯ୍ୟପଲ୍ଲୀ ନିକଟରେ ପୂର୍ବରୁ ଚିହ୍ନଟ ହୋଇଥିବା ୧୦ ଏକର ଜମିର ଆଡଭାନ୍ସ ପୋଜିସନ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ନାଁରେ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ଲିଜ୍ ଚୂଡାନ୍ତ ହେବ ବୋଲି ଉକ୍ତ ଚିଠିରୁ ଜଣାପଡିଛି। ଉକ୍ତ ଜମି କେବଳ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ବ୍ୟବହାର ହେବ। ହସ୍ତାନ୍ତର ପୂର୍ବରୁ ଉକ୍ତ ଜମିରେ କୌଣସି ବଡ ଗଛ, ଖଣିଜ ଦ୍ରବ୍ୟ ଅଛି କି ନାହିଁ ସେ ସମ୍ପର୍କରେ ଜିଲାପାଳ ସ୍ପଷ୍ଟ କରିବେ। ଜମିର ଆଡଭାନ୍ସ ପୋଜିସନକୁ ଅନୁମତି ମିଳିଥିବାରୁ ଛତ୍ରପୁର ମିଳିତ ନାଗରିକ ମଞ୍ଚ ପକ୍ଷରୁ ରାଜସ୍ୱ ବିଭାଗ, ଜିଲାପାଳ ଓ ଛତ୍ରପୁର ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ କୋଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଖୋଲିବାକୁ ରାଜ୍ୟ ସରକାର ଅନୁମତି ଦେଇସାରଛନ୍ତି। ସ୍ଥାୟୀ କ୍ୟାମ୍ପସ ପାଇଁ ଜମି ଓ ଅସ୍ଥାୟୀ କ୍ୟାମ୍ପସ ପାଇଁ କୋଠା ହସ୍ତାନ୍ତର ପରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିଲା।



ଆରପିଏଫ୍ ପକ୍ଷରୁ ଯାଞ୍ଚ ଚାଲିଛି ।

## ଛତ୍ରପୁର ଷ୍ଟେଶନରେ ଆର୍‌ପିଏଫ୍‌ର ଯାଞ୍ଚ

**ଛତ୍ରପୁର,୧୪।୮(ଡି.ଏନ.ଏ)**

ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଛତ୍ରପୁର ଆରପିଏଫ୍ ଆଉଟପୋଷ୍ଟ ପକ୍ଷରୁ ସୁରକ୍ଷା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ଦିନତମାମ ଛତ୍ରପୁର ରେଳ ଷ୍ଟେଶନର ସମସ୍ତ ପ୍ଲାଟଫର୍ମ, ଅଟକୁଥିବା ଟ୍ରେନ୍, ଗାଡି ଓ ସାଇକେଲ ଷ୍ଟାଣ୍ଡ, ବୁକିଂ କାଉଣ୍ଟର, ଷ୍ଟେଶନ ସୁପରିଣ୍ଟେଣ୍ଟ ଅଫିସ ଏବଂ ଯାତ୍ରୀଙ୍କ ବ୍ୟାଗ୍ ଆଦି ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଥିଲା । ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ୍ ନମ୍ବର ବ୍ୟବସ୍ଥା ଥିବା ଆରପିଏଫ୍ ପକ୍ଷରୁ କୁହାଯାଇଥିଲା । କୌଣସି ଅପରାଧ କିମ୍ବା ଅପରାଧ ଯୋଜନା ଚାଲିଥିବା ସନ୍ଦେହ ହେଲେ ହେଲ୍ପଲାଇନ ନଂ.୧୮୨ରେ ଜଣାଇବାକୁ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ଯାଞ୍ଚ ବେଳେ ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟ ଏସଆଇ ଏଲ୍.ବି. ସିଂ, ଏଏସଆଇ ଏ. ପାତ୍ର ଓ କର୍ମଚାରୀ ସାମିଲ ଥିଲେ ।

## ଟାଇଟାନିୟମ ପ୍ଲାଣ୍ଟର ୬ ଶ୍ରମିକ ଗିରଫ ଘଟଣା

# ଭୂ-ବିସ୍ଥାପିତ କଲ୍ୟାଣ ସମିତିର ଆଲୋଚନା ବୈଠକ

**ଛତ୍ରପୁର,୧୪।୮(ଡି.ଏନ.ଏ)**

ଛତ୍ରପୁର ଉପକଣ୍ଠରେ ଥିବା ସରାଫ୍ ଟାଇଟାନିୟମ ପ୍ଲାଣ୍ଟରେ ଶ୍ରମିକ ଅଶାନ୍ତି ଲାଗି ରହିଛି । ୬ ଶ୍ରମିକଙ୍କ ଗିରଫ ପ୍ରତିବାଦରେ ମଙ୍ଗଳବାରଠାରୁ ଅନ୍ୟ ସମସ୍ତ ଶ୍ରମିକ ଛୁଟିରେ ଥିବାରୁ ପ୍ଲାଣ୍ଟରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ ରହିଛି । ଏହା ଉପରେ ଆଗାମୀ ପଦକ୍ଷେପ ନେବା ପାଇଁ ଟାଇଟାନିୟମ ପ୍ଲାଣ୍ଟ ଭୂ-ବିସ୍ଥାପିତ କଲ୍ୟାଣ ସମିତିର ଏକ ଆଲୋଚନା ବୈଠକ ଟାକରିଆ ବ୍ରହ୍ମପୁରସ୍ଥିତ କଲ୍ୟାଣମଣ୍ଡପ ଠାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତିର ସଭାପତି ଏସ୍. ଚକ୍ରପାଣି ରେଡ୍ଡି ଅଧ୍ୟକ୍ଷତା କରିଥିଲେ । ଜେଲରେ ଥିବା ୬ ଶ୍ରମିକଙ୍କୁ କିଭଳି ଜାମିନ୍ ମିଳିବ ତାହା ଉପରେ ଆଲୋଚନା ହୋଇଥିଲା । ଜାମିନରେ ମୁକୁଳିବା ପରେ ଉକ୍ତ ଶ୍ରମିକମାନେ କିଭଳି ଟାଇଟାନିୟମ କମ୍ପାନୀରେ କାମ କରିବେ,



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ପ୍ଲାଣ୍ଟ ପୁଣି ଚାଲିବା, ଶ୍ରମିକମାନଙ୍କୁ ସମ୍ମାନ ଦେଇ କମ୍ପାନୀ କର୍ତ୍ତୃପକ୍ଷ ଶାନ୍ତି ପ୍ରତିଷ୍ଠା କରିବେ ସେ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ସମିତିର ଉପସଭାପତି ବି. ରାବଣାସ୍ୱାମୀ, ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାରଣା, ଦାଶରଥି ରେଡ୍ଡି, ତ୍ରିନାଥ ରେଡ୍ଡି, କେ. ସତ୍ୟ ନାରାୟଣ ରେଡ୍ଡି, ଆର୍. ଦଣ୍ଡପାଣି ରେଡ୍ଡୀଙ୍କ ସମେତ ଶ୍ରମିକ ଓ ଭୂ-ବିସ୍ଥାପିତ ସମିତିର ସଭ୍ୟମାନେ ଯୋଗଦେଇଥିଲେ । ସୂଚନାଯୋଗ୍ୟ, ରବିବାର କୌଣସି କାରଣକୁ ନେଇ ପ୍ଲାଣ୍ଟରେ ବଚସା ହୋଇଥିଲା । ପରେ ପ୍ଲାଣ୍ଟର ଏଜିଏମ୍‌ଙ୍କୁ ୬ ଜଣ ଶ୍ରମିକ ଆକ୍ରମଣ କରିଥିବା ନେଇ ସୁରକ୍ଷା ଅଧିକାରୀ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ । ସୋମବାର ଉକ୍ତ ୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ

**ଜି.ଉଦୟଗିରି,୧୪।୮(ଡି.ଏନ.ଏ.)**

ଜି.ଉଦୟଗିରି ସହରରେ ଭାଜପା ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଭାଜପା ଏମ୍‌ପି ପ୍ରାର୍ଥୀ ଐର ଖାରବେଳ ସ୍ୱାଇଁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନଙ୍କ ଉପସ୍ଥିତିରେ ସ୍ଥାନୀୟ ଗାନ୍ଧୀ ଛକଠାରେ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଥିଲା। ଭାଜପା ତରଫରୁ ଦୋକାନ ଦୋକାନ ବୁଲି ସଦସ୍ୟ ନାମ ପଞ୍ଜୀକୃତ କରିଥିଲେ । ଏହି ଅଭିଯାନରେ ଜିଲା ଉପସଭାପତି ମାନଗୋବିନ୍ଦ ପ୍ରଧାନ, ସଦସ୍ୟତା ସଂଗ୍ରହ ସହ ପ୍ରମୁଖ ସସ୍ମିତା ଜେନା, ଏନ୍‌ଏସି ପ୍ରଭାରୀ ପ୍ରିୟବ୍ରତ ସାହୁ, ବିସ୍ତାରକ ଭେଙ୍କଟେଶ ବେହେରା, ଏନ୍‌ଏସି ସମ୍ପାଦକ ପ୍ରଶାନ୍ତ ବଗର୍ତ୍ତି, ବରିଷ୍ଠ ଭାଜପା ନେତା ରସାନନ୍ଦ ନାୟକ ପ୍ରମୁଖ ସାମିଲ ହୋଇ ନୂତନ ସଭ୍ୟ ସଂଗ୍ରହ କରିଥିଲେ ।



ସଭ୍ୟ ସଂଗ୍ରହ ଅଭିଯାନରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା ।

# 'ମୋ ହିଞ୍ଜିଳିକାଟୁ' କାର୍ଯ୍ୟକ୍ରମ ଆରମ୍ଭ କଲେ ଜିଲାପାଳ

**ହିଞ୍ଜିଳିକାଟୁ,୧୪।୮(ଡ଼ି.ଏନ୍.ଏ.)**

ହିଞ୍ଜିଳିକାଟୁ ସହରକୁ ସ୍ୱଚ୍ଛ, ସୁନ୍ଦର ପାଇଁ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୋ ହିଞ୍ଜିଳିକାଟୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଆରମ୍ଭ କରିବା ସହ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଭୋରରେ ଜିଲାପାଳ କୁଲାଙ୍ଗେ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାରେ ପଣ୍ଡା, ଆଇଆଇସି ଅଭିମନ୍ୟୁ ସାହୁ, ବିଜେଡ଼ି ସଭାପତି ଭୀମସେନ ବେହେରା, ବଣିକ ସଂଘ ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକ, ତ୍ରିରଙ୍ଗା ଯୁବକ ସଂଘ, ଡ଼ିସକଭରୀ ହିଞ୍ଜିଳିକାଟୁ, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ସଂଘ, ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଯୁବ ଗୋଷ୍ଠୀଙ୍କ ସହ ବହୁ ବ୍ୟକ୍ତି ଏହି



ମୋ ହିଞ୍ଜିଳିକାଟୁ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ ।

କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବୁଧବାର ଭୋରରେ ଜିଲାପାଳ ଓ ଅନ୍ୟମାନେ ପୌର କାର୍ଯ୍ୟାଳୟରୁ ରାଲିରେ ବାହାରି ୱାର୍ଡ଼ ନଂ.୫ ପାଟଣାସାହି, ତାରାତାରିଣୀ ରୋଡ଼, ପରିବା ବଜାର ଦେଇ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲେ । ସେଠାରେ ଏକ ପ୍ରଥପ୍ରାନ୍ତ ସଭା ହୋଇଥିଲା । ସହରକୁ ସ୍ୱଚ୍ଛତା ପାଇଁ ସମସ୍ତ ଜନ ସାଧାରଣଙ୍କ ସହଯୋଗ କରିବାକୁ ଅଧିକାରୀମାନେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ ଘର ଘର ବୁଲି ବର୍ଜ୍ୟବସ୍ତୁର ବିଚ୍ଛିନ୍ନକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ବିଭିନ୍ନ ସ୍ଥାନରେ ସଫେଇ କରାଯାଇଥିଲା । ମୋ ହିଞ୍ଜିଳିକାଟୁ କାର୍ଯ୍ୟକ୍ରମରେ ପ୍ରତି ସପ୍ତାହରେ ଗୋଟିଏ ୱାର୍ଡରେ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରି ସ୍ୱଚ୍ଛତା ନେଇ ସଚେତନ କରାଯିବ । ପ୍ରତି ୱାର୍ଡ଼ରେ ମହିଳାମାନଙ୍କୁ ସଫେଇ ସାଥୀ ଭାବେ ନିଯୁକ୍ତି କରି ସ୍ୱଚ୍ଛତା ତଦାରଖ କରାଯିବ ବୋଲି ପୌର ଅଧିକାରୀ ପଣ୍ଡା କହିଛନ୍ତି।

## ଚାରାରୋପଣ, ଜନ ସଚେତନତା କାର୍ଯ୍ୟକ୍ରମ

**ଧରାକୋଟ,୧୪।୮(ଡି.ଏନ.ଏ.)**

ଧରାକୋଟ ବ୍ଲକ ଢ଼ଉଗାଁ ପଞ୍ଚାୟତ ସୁନାମୋହି ଗ୍ରାମ ଉପକଣ୍ଠ ସତ୍ୟସାଇ ମନ୍ଦିର ପରିସରରେ ଜନ ସଚେତନତା ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିକା ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଗଞ୍ଜାମ ଜିଲାର ପ୍ରସିଦ୍ଧ ଶକ୍ତିପୀଠ କୁଲାଗଡ଼ ଗ୍ରାମକୁ ଯିବା ରାସ୍ତାରେ ଶହେରୁ ଉର୍ଦ୍ଧ୍ୱ ନଡ଼ିଆ ଚାରା ରୋପଣ କରାଯାଇଛି। ଏଥିସହ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ୱଚ୍ଛତା ଉପରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଧରାକୋଟ ସତ୍ୟସାଇ ସେବା ଗ୍ରୁପ ଦିଗପହଣ୍ଡି ସେବାଗ୍ରୁପ ସମେତ ବହୁ ସତ୍ୟସାଇ ସେବା ଗ୍ରୁପର ଭାଇ ଭଉଣୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗ୍ରୁପର ବରିଷ୍ଠ କର୍ମକର୍ତ୍ତା ଗୋପାଳକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ପରିମଳ ସଚେତନତା ଆରମ୍ଭ କଲେ ଜିଲାପାଳ

**ଶେରଗଡ଼,୧୪।୮(ଡି.ଏନ.ଏ.)**

ଶେରଗଡ଼ଠାରୁ ବୁଧବାର ସକାଳୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଝାଡୁ ଧରି ପରିମଳ ସଚେତନତାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ, ଜନନେତା, ଯୁବପିଢ଼ି, ଛାତ୍ରୀଛାତ୍ରଙ୍କୁ ସାମିଲ କରି ଏକ ଜନ ଆନ୍ଦୋଳନ ଜାରି ରଖିବାକୁ କହିଥିଲେ। ଜିଲାପାଳ କୁଲାଙ୍ଗେ ସକାଳ ୬.୩୦ରେ ଶେରଗଡ଼ ଚାରିଛକରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ପରେ ଶେରଗଡ଼ ତିନିଛକ ହୋଇ ବଜାର ଛକରେ ବ୍ୟବସାୟୀ, ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇ ଫେରିଥିଲେ। ଶେରଗଡ଼ ବିଡ଼ିଓ ସୁରଞ୍ଜନ କୁମାର ସାହୁ ସଂଯୋଜନା ଓ ତହସିଲଦାର ଡ଼.ଦୟାସିନ୍ଧୁ ପରିଡାଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ, ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ହୃଷୀକେଶ ପାଢ଼ୀ, ହୀନ ବେହେରା, ଗୋପାଳ ଚରଣ ପଟ୍ଟନାୟକ, ବାସୁଦେବ ସ୍ୱାଇଁ, ଇ. ଚିନ୍ମୟ ପାତ୍ର, ମେଘନାଦ ଦାସ, ଉଦୟ ନାଥ ପ୍ରଧାନ, ଦିଗାମ୍ବର ନାହାକଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

# କଳିଙ୍ଗ ଆଦର୍ଶ ବିଦ୍ୟାଳୟ ରାସ୍ତା ବିପର୍ଯ୍ୟସ୍ତ

**ଖଜୁରିପଡ଼ା,୧୪।୮(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ଦଳପଡ଼ାସ୍ଥିତ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ଆଜକୁ ଏକ ବର୍ଷ ହେବ ସ୍ଥାପନ ହୋଇଛି। ଏହି ଇଂଲିଶ ମିଡିୟମ ସ୍କୁଲ ପାଇଁ କୋଟି କୋଟି ଖର୍ଚ୍ଚ ହୋଇଛି । ଏଠାରେ ୧୨୦ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ହେଲେ ଦୁଃଖ ଓ ପରିତାପର ବିଷୟ ଆଜିଯାଏ ଏହି ବିଦ୍ୟାଳୟକୁ ଯିବାପାଇଁ ଭଲ ରାସ୍ତାଟିଏ ନିର୍ମାଣ ପାଇଁ କାହାର ନଜର ପଡୁନାହିଁ । ଯେଉଁ ମାଟି ରାସ୍ତା ଅଛି, ଅସରାଏ ବର୍ଷା ହେଲେ ଚାଲିକି ଯିବା ମୁସ୍କିଲ। ରାସ୍ତାସାରା ଖାଲଖମା। ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ରାସ୍ତାରେ ପାଣି କାଦୁଅ ଭର୍ତ୍ତି ହୋଇଛି। ଗତ ୨୭ ତାରିଖରେ ଭାରପ୍ରାପ୍ତ ପ୍ରିନ୍ସପାଲ ଦାୟିତ୍ୱରେ ଥିବା ସରୋଜ କୁମାର ସାହୁଙ୍କ ଉଦ୍ୟମ ଓ ଜବାହାର ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସହଯୋଗରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ବିଭାଗ ଅଧିକାରୀ ଶେଷଦେବ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା ଅତିରିକ୍ତ ମଙ୍ଗଳ ବିଭାଗ ଅଧିକାରୀ ଅରବିନ୍ଦ ରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ଦିନ ଜିଲା ମଙ୍ଗଳ ଅଧିକାରୀଙ୍କ ଗାଡ଼ି ଉକ୍ତ ରାସ୍ତାରେ ଫଶିଥିଲା। ଏହାପରେ ଏକ ରାସ୍ତା ତୁରନ୍ତ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ସମୟରେ କୁହାଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁଁ ଲଗାଣ ବର୍ଷାରେ ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି । ଅନ୍ୟପକ୍ଷରେ ଏହି ରାସ୍ତା ପଞ୍ଚାୟତ ଅଧିନରେ ଥିବା ଯୋଗୁ ବ୍ଲକ ତରଫରୁ ନିର୍ମାଣ ହେବା କଥା । କିନ୍ତୁ ବ୍ଲକ ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଅବହେଳା ଯୋଗୁ ନିର୍ମାଣ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି।



ଶୋଚନୀୟ ହୋଇପଡ଼ିଛି ମାଟି ରାସ୍ତା ।



କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ।

## ସୁଷମା ସ୍ୱରାଜଙ୍କ ସ୍ମୃତିଚାରଣ

**ଆର.ଉଦୟଗିରି,୧୪।୮(ଡି.ଏନ.ଏ.)**

ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଆର.ଉଦୟଗିରି ଗ୍ରାମର ଯୁବ ଭାଜପା କର୍ମୀଙ୍କ ପକ୍ଷରୁ ହାଟପଦାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଷମା ସ୍ୱରାଜଙ୍କ ସ୍ମୃତିଚାରଣ କରାଯିବା ସହ ୫ ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସଭାରେ ଆର.ଉଦୟଗିର ଭାଜପାର ବରିଷ୍ଠ ସଦସ୍ୟ ତରୁଣ ତରାସିଆ, ଯୁବମୋର୍ଚ୍ଚା ବ୍ଲକ ସଭାପତି ସଞ୍ଜୟ କୁମାର ପତି, ପଙ୍କଜ କୁମାର ପାତ୍ର, ସୁଶାନ୍ତ ବଡ଼କୁମାର, ଋଷି ପାଇକ ଓ ସିପୁ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

**ସଂକ୍ଷେପରେ**

## ସ୍ୱର୍ଣ୍ଣମୟୀ ହାଇସ୍କୁଲ ଛାତ୍ରାବାସରେ ପାନୀୟ ଜଳ ସଙ୍କଟ

**କୋଦଳା,୧୪।୮(ଡି.ଏନ.ଏ.):** କୋଦଳା ସ୍ୱର୍ଣ୍ଣମୟୀ ଉଚ୍ଚ ବାଳକ ବିଦ୍ୟାଳୟରେ ପ୍ରତିବର୍ଷ ଶହ ଶହ ଛାତ୍ର ଉତ୍ତିର୍ଣ୍ଣ ହୋଇ ଉଚ୍ଚଶିକ୍ଷା ପାଇଁ ବାହାରକୁ ଯାଇ ସୁନାମ ଅର୍ଜନ କରିଥାନ୍ତି। କୋଦଳା ନିକଟ ଆଦିବାସୀ ଅଞ୍ଚଳର ପିଲାମାନେ ଯାତାୟାତର ସୁବିଧା ନ ଥିବାରୁ ଏଠାକୁ ଆସି ପଢ଼ିବା ସମ୍ଭବପର ହେଉନଥିବା ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ୧୫ ଜୁଲାଇ ୨୦୧୭ରେ ଦୁଇ ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରାବାସ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏଠାରେ ୧୬୭ଜଣ ଛାତ୍ର ରହୁଛନ୍ତି । ହେଲେ ଏଠାରେ ଦୁଇଟି କୁଅ ରହିଛି । ସେହି କୂଅ ପାଣି ଖାରିଆ ହୋଇଥିବାରୁ ରୋଷେଇ ଉପଯୋଗୀ ନୁହେଁ। ତା'ଛଡ଼ା ଖରାଦିନରେ ସମ୍ପୂର୍ଣ୍ଣ ଶୁଖି ଯାଉଥିବା ବେଳେ ବର୍ଷାଦିନରେ ଗୋଳିଆ ହୋଇଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ଗତବର୍ଷ ପାନୀୟ ଜଳ ଲାଗି ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ଏକ ବୋରୱେଲ ଖୋଳାଗଲା। ତାହା ବି ଆବଶ୍ୟକ ଜଳ ଯୋଗାଇ ପାରୁ ନାହିଁ। ଏଣୁ ବିଦ୍ୟାଳୟ ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ୩୦।୭।୧୯ରେ ଚିଠି ସଂଖ୍ୟା ୩୧/୧୯ ପ୍ରକାରେ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ଅଭିଯୋଗ କରି ସନ୍ତୋଷଜନକ ଉତ୍ତର ପାଇନଥିବା ଛାତ୍ରାବାସର ଦାୟିତ୍ୱ ଅଧିକାରୀ ଉମାକାନ୍ତ ବେହେରା କହିଛନ୍ତି । ଏଣୁ ସରକାର ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ବହୁ ସମ୍ଭାବନା ରହିଥିବା ଅଭିଯୋଗ ହୋଇଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ସହ ଯୋଗାଯୋଗରୁ ଏହି ଅଭିଯୋଗ ନେଇ ବିଭିନ୍ନ ମହଲ ସହ ମୁଁ ଯୋଗାଯୋଗ କରୁଛି, ଶୀଘ୍ର ଏହାର ସମାଧାନ କରିବା ପାଇଁ ଚେଷ୍ଟା କରିବୁ ବୋଲି କହିଥିଲେ।

## ମନ୍ଦିର ଜମି ଜବରଦଖଲ ଅଭିଯୋଗ

# ଉଚ୍ଛେଦ ପାଇଁ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ

**ଦିଗପହଣ୍ଡି,୧୪।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ରଘୁନାଥ ମହାପ୍ରଭୁଙ୍କ ମାଲିକାନା ସ୍ୱତ୍ୱରେ ରହିଥିବା ଗଣିଆନାଳ ଛକ ଗଣେଶ୍ୱରପୁର ମୌଜା ଖାତା ନଂ.୧୫୮, ପ୍ଲଟ ନଂ.୧୬୪ର ୧୦୮ ଡେସିମିଲି ଚାଷ ଜମିକୁ କେତେଜଣ ବ୍ୟକ୍ତି ବହୁବର୍ଷ ହେଲା ଜବରଦଖଲ କରିଛନ୍ତି। ମନ୍ଦିର ପରିଚାଳନା, ନୀତିକାନ୍ତି, ଯାନିଯାତ୍ରା ଭୋଗ ଲାଗି ପାଇଁ ଜବର ଦଖଲକାରୀମାନେ କୌଣସି ପ୍ରକାର ମହସୁଲ କିମ୍ବା ଆର୍ଥିକ ସହାୟତା ପ୍ରଦାନ କରୁନାହାନ୍ତି। ଏ ନେଇ ଗ୍ରାମବାସୀ ବ୍ରହ୍ମପୁରସ୍ଥିତ ସହକାରୀ ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ପରେ ସହକାରୀ କମିଶନରଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ସଂଖ୍ୟା ୧୪୫୪/୧୮, ତା.୪।୧୨।୧୮ ଅନୁଯାୟୀ ଜବରଦଖଲକାରୀ ମାନଙ୍କୁ ନୋଟିସ କରାଯାଇଛି। ଅଗଷ୍ଟ ୧୬ ତାରିଖ ସୁଦ୍ଧା ଦୋକାନ ଘର ସବୁ ଖାଲି କରିବାକୁ ନୋଟିସରେ ଉଲ୍ଲେଖ ରହିଛି। ନୋଟିସର ନକଲ ପୂର୍ବରୁ ଦିଗପହଣ୍ଡି ତହସିଲଦାରଙ୍କୁ ପଠା ଯାଇଥିଲା। ମଙ୍ଗଳବାର ଦାୟିତ୍ୱରେ ଥିବା ଦେବୋତ୍ତର ନିରୀକ୍ଷକ ହେମନ୍ତ କୁମାର ଦାସ ଦିଗପହଣ୍ଡି ଆଇଆଇସି ଗୌରାଙ୍ଗ ଚରଣ ସାହୁଙ୍କ ସହ ଆଲୋଚନା କରି ନୋଟିସର ନକଲ ପ୍ରଦାନ କରିଛନ୍ତି। ଏଥିରେ ପରିଚାଳନା ଟ୍ରଷ୍ଟି ବନମାଳୀ ଜେନା, ଗ୍ରାମ୍ୟ କମିଟି ଆବାହକ ଗଦାଧର ଜେନା, ବିଜୟ କୁମାର ପ୍ରଧାନ, ହରିକୃଷ୍ଣ ପଟ୍ଟନାୟକ, ଅଜିତ ବାଡ଼ତିଆ, ହରିକୃଷ୍ଣ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଦେବୋତ୍ତର ଭୂସମ୍ପତ୍ତି ଉପରେ କୌଣସି ପ୍ରକାର ସ୍ଥାୟୀ କୋଠା ନିର୍ମାଣ କରାଯାଇପାରିବ ନାହିଁ ବୋଲି ରାଜ୍ୟ ଦେବୋତ୍ତର କମିଶନରଙ୍କ ଆଦେଶନାମା ରହିଥିଲେ ମଧ୍ୟ ଜବରଦଖଲକାରୀ ମାନେ ସେଥିପ୍ରତି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।



ଆଇଆଇସିଙ୍କ ସହ ଗ୍ରାମବାସୀଙ୍କ ଆଲୋଚନା।

# ଏନ୍‌ଏସି ପକ୍ଷରୁ ମିଳିତ ସଫେଇ ଅଭିଯାନ

**ଦିଗପହଣ୍ଡି,୧୪।୮(ଡି.ଏନ.ଏ.)**

ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ବୁଧବାର ସକାଳେ ମିଳିତ ସଫେଇ ଅଭିଯାନ ଶୁଭାରମ୍ଭ ଅବସରରେ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ହଳଧର ଶବର, ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଜୁର ଅତିଥି ରୂପେ ଯୋଗ ଦେଇଥିଲେ। ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ମିଶନ ସହାୟତାରେ ହୋଇଥିବା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଲୋକଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ସଚେତନ କରାଯାଇଥିଲା। ନିୟମିତ ଡଷ୍ଟବିନ ସବୁ ବ୍ୟବହାର କରି ନିଜ ଅଞ୍ଚଳ ଏବଂ ଘର ଚତୁଃପାର୍ଶ୍ୱକୁ ସୁସ୍ଥ ଓ ପରିଷ୍କାର ରଖିବା ସହିତ ନିରାପଦ ଜୀବନଯାପନ ପାଇଁ ପରାମର୍ଶ ଦିଆଯାଇଥିଲା। ସ୍ୱାଧୀନତା ଦିବସ ଅବସରରେ ଦିଗପହଣ୍ଡି ସହରକୁ ଏନ୍‌ଏସି ପକ୍ଷରୁ ପଲିଥିନ ମୁକ୍ତ ସହର ଭାବେ ବିବେଚିତ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଥିବା କୁହାଯାଇଥିଲା। ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ମାଗି ସେଠୀ, ବିଜୁ ଯୁବ ବାହିନୀ ସଂଯୋଜକ ସନ୍ତୋଷ କୁମାର ବାଡତ୍ୟା, ସଭାପତି ନୀଳାଞ୍ଚଳ ରଥ, ଏନଏସି କର୍ମଚାରୀ ପ୍ରଭାକର ମେକାପ, ଭାରତୀ ପାଢୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।



ଶୋଭାଯାତ୍ରାରେ ଅତିଥିବୃନ୍ଦ।

# ଅବକାରୀ ଚଢ଼ାଉ: ୨୦ ଲିଟର ଦେଶୀ ମଦ ଜବତ, ପୋଚ ନଷ୍ଟ



ଜବତ ମଦ ଓ ରନ୍ଧା ସାମଗ୍ରୀ।

**ଦିଗପହଣ୍ଡି,୧୪।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବଡ଼ଡିମ୍ବୁଲା ପଞ୍ଚାୟତ ତଡ଼ାଗାଁ ନିକଟ ଜଙ୍ଗଲରେ ବହୁ ଦିନ ଧରି ଚାଲିଥିବା ଚୋରା ମଦ ଭାଟି ଉପରେ ବୁଧବାର ଭୋରରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ୧୬୦୦ ଲିଟର ପୋଚ ନଷ୍ଟ କରାଯିବା ସହ ୨୦ ଲିଟର ରନ୍ଧା ଦେଶୀ ମଦ ଓ ବହୁ ସଂଖ୍ୟକ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏହି ଚଢାଉରେ ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଇନ୍ସପେକ୍ଟର ରୋସନ ଇସୁ ହାସଦା, ଟିକିଟି ଅବକାରୀ ଇନ୍ସପେକ୍ଟର ଲକ୍ଷ୍ମଣ କୁମାର ଷଡଙ୍ଗୀ, ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅଭିରାମ ସାହୁ, ଏଏସଆଇ ରବୀନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ସାମିଲ ଥିଲେ। ଅବକାରୀ ମାମଲା ନଂ.୨୪/୧୯-୨୦ରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ କାହାରିକୁ ଗିରଫ କରାଯାଇନାହିଁ।

# ନିଖିଳ ଉତ୍କଳ ଆଳୀୟ ସମାଜ ନିର୍ବାଚନ

**କବିସୂର୍ଯ୍ୟନଗର,୧୪।୮**

କବିସୂର୍ଯ୍ୟନଗର ବନଦେବୀ ପୀଠରେ ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜର ମଣ୍ଡଳ ସ୍ତରୀୟ ନିର୍ବାଚନୀ ସଭା ଆୟୋଜିତ ହୋଇଯାଇଛି। ମଣ୍ଡଳ ସଭାପତି କପିଳେଶ୍ୱର ବିଶ୍ୱାଳଙ୍କ ସଭାପତିତ୍ୱରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଅନିଲ କୁମାର ନାୟକ ଓ ସହଯୋଗୀ ସନ୍ୟାସୀ ସାହାଣୀ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ନିର୍ବାଚନ ହୋଇଥିଲା। ସଭାପତି ଭାବେ କପିଳେଶ୍ୱର ବିଶ୍ୱାଳ, ଉପସଭାପତି ସୁଧାଂଶୁ ଶେଖର ରାଉତ, ସମ୍ପାଦକ ଲଡ୍ଡୁ କିଶୋର ସ୍ୱାଇଁ, ସହ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ରାମଚନ୍ଦ୍ର ନାହାକ ଓ ସଙ୍ଗଠନ ସମ୍ପାଦକ ରୂପେ ପ୍ରଭାତ ଚନ୍ଦ୍ର ନାହାକ ନିର୍ବାଚିତ ହୋଇଛନ୍ତି। ଜିଲା କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେନ୍ଦ୍ର ନାହାକ, ଶିବରାମ ସ୍ୱାଇଁ ମନୋନୀତ ହୋଇଛନ୍ତି। ଏଥିରେ ୧୯ ଗ୍ରାମ ଓ କବିସୂର୍ଯ୍ୟନଗର ଏନ୍‌ଏସିର ସମସ୍ତ ଆଳୀୟ ବର୍ଗର ଲୋକ ଯୋଗ ଦେଇଥିଲେ।

## ଗଢ଼ିବା ନୂଆ ଓଡ଼ିଶା

ଆମେ କେବଳ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଫନୀ ମହାବାତ୍ୟାର ସଫଳ ମୁକାବିଲା କରି ପାରିଲୁ ।

ଆମେ ଉତ୍ସର୍ଗୀକୃତ ମନୋଭାବ ସହିତ ସମୟସୀମା ପ୍ରତି ଆମର ପ୍ରତିବଦ୍ଧତା ଯୋଗୁଁ ୯୦ ଦିନ ମଧ୍ୟରେ ଏସିଆନ୍ ଆଥଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ କରିପାରିଲୁ ।

ଆମେ ଅଧିକ ୩୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତିରେ ସାମିଲ କରିଛୁ ।

ମାତ୍ର ୩୦ ଦିନ ମଧ୍ୟରେ **ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା** କାର୍ଯ୍ୟକାରୀ କରି ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ପାରିଛୁ ।

ଲୋକଙ୍କ କଲ୍ୟାଣ ପାଇଁ 5T ର ସମୟୋପଯୋଗୀ ପ୍ରୟୋଗ ଆମକୁ ଏହି ସଫଳତା ଆଣିଦେଇଛି । ଲୋକ ସେବାରେ ଏହିଭଳି ଗତିଶୀଳତା ଜରୁରୀ । ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତ୍ୱରିତ ସେବା ପ୍ରଦାନ ପୂର୍ବକ ନୂଆ ଓଡ଼ିଶା ଗଢ଼ିବା ପାଇଁ ଆମର ଏହି ପ୍ରୟାସ ଆଗାମୀ ଦିନରେ ଜାରି ରଖିବା ପାଇଁ ଆମେ ଆଜି ଦୃଢ ସଂକଳ୍ପବଦ୍ଧ ।

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

DADLS-18
15001/13/0027/1920





